# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-


ECHO OF HIS CALL 1969-2019 GOLDEN JUBILEE

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXIV | JANUARY 2023 | No.11

## ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ମାଥିଉ ୫:୧୧–୧୮)

୧୧ ଲୋକେ ଯେବେ ତୁମ୍ଭମାନଙ୍କୁ ମୋ' ସକାଶେ ନିନ୍ଦା ଓ ତାଡ଼ନା କରନ୍ତି, ପୁଣି ମିଥ୍ୟାରେ ତୁମ୍ଭମାନଙ୍କ ବିରୁଦ୍ଧରେ ସମସ୍ତ ପ୍ରକାର ମନ୍ଦ କଥା କହନ୍ତି, ତେବେ ତୁମ୍ଭେମାନେ ଧନ୍ୟ ।

୧୨ ଆନନ୍ଦ କର ଓ ଉଲ୍ଲସିତ ହୁଅ, କାରଣ ସ୍ୱର୍ଗରେ ତୁମ୍ଭମାନଙ୍କର ପୁରସ୍କାର ପ୍ରଚୁର; ସେହିପରି ତ ସେମାନେ ତୁମ୍ଭମାନଙ୍କର ପୂର୍ବବର୍ତ୍ତୀ ଭାବବାଦୀମାନଙ୍କୁ ତାଡ଼ନା କରିଥିଲେ ।

୧୩ ତୁମ୍ଭେମାନେ ପୃଥିବୀର ଲବଣ, କିନ୍ତୁ ଲବଣ ଯଦି ସ୍ୱାଦବିହୀନ ହୁଏ, ତେବେ ତାହା କାହିଁରେ ଲବଣତ୍ୱଯୁକ୍ତ ହେବ ? ତାହା ଆଉ କୌଣସି କାର୍ଯ୍ୟଯୋଗ୍ୟ ନୁହେଁ, କେବଳ ବାହାରେ ପକାଯାଇ ଲୋକମାନଙ୍କ ପାଦ ତଳେ ଦଳିତ ହେବାର ଯୋଗ୍ୟ ।

୧୪ ତୁମ୍ଭେମାନେ ଜଗତର ଜ୍ୟୋତିଃ । ପର୍ବତ ଉପରେ ସ୍ଥାପିତ ନଗର ଗୁପ୍ତ ହୋଇ ରହି ନ ପାରେ;

୧୫ କିବା ଲୋକମାନେ ଦୀପ ଜାଳି ମାଣ ତଳେ ରଖନ୍ତି ନାହିଁ, ମାତ୍ର ଦୀପରୁଖା ଉପରେ ରଖନ୍ତି, ସେଥିରେ ତାହା ଗୃହରେ ଥିବା ସମସ୍ତ ଲୋକଙ୍କୁ ଆଲୋକ ଦିଏ ।

୧୬ ସେହିପ୍ରକାରେ ତୁମ୍ଭମାନଙ୍କର ଆଲୋକ ଲୋକଙ୍କ ସାକ୍ଷାତରେ ପ୍ରକାଶ ପାଉ, ଯେପରି ସେମାନେ ତୁମ୍ଭମାନଙ୍କ ସତ୍କର୍ମ ଦେଖି ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ମହିମା କୀର୍ତ୍ତନ କରିବେ ।

୧୭ ମୁଁ ଯେ ବ୍ୟବସ୍ଥା କି ଭାବବାଦୀମାନଙ୍କ ଧର୍ମଶାସ୍ତ୍ର ଲୋପ କରିବାକୁ ଆସିଅଛି, ଏପରି ଭାବ ନାହିଁ; ଲୋପ କରିବାକୁ ଆସି ନାହିଁ ବରଂ ସଫଳ କରିବାକୁ ଆସିଅଛି ।

୧୮ କାରଣ ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଯେପର୍ଯ୍ୟନ୍ତ ଆକାଶମଣ୍ଡଳ ଓ ପୃଥିବୀ ଲୋପ ନ ପାଇବ, ସେପର୍ଯ୍ୟନ୍ତ ସମସ୍ତ ନ ଘଟିବା ଯାଏ ବ୍ୟବସ୍ଥାରୁ ଏକ ମାତ୍ରା କି ଏକ ବିନ୍ଦୁ କୌଣସି ପ୍ରକାରେ ଲୋପ ପାଇବ ନାହିଁ ।

# ଆଶୀର୍ବାଦ ଯୁକ୍ତ ନୂତନ ବର୍ଷ

***BLESSED NEW YEAR . . .2023***

**୨୦୨୩**

*ଡ଼.ଏ.ରିଚାର୍ଡ ଶାମୁଏଲ୍*

**"ସମସ୍ତ ପ୍ରକାର କଟୁଭାବ, ରାଗ, କ୍ରୋଧ, କଳହ ଓ ନିନ୍ଦା, ପୁଣି ସମସ୍ତ ପ୍ରକାର ହିଂସା ତୁମ୍ଭମାନଙ୍କ ଠାରୁ ଦୂର ହେଉ, ପୁଣି ଈଶ୍ୱର ଖ୍ରୀଷ୍ଟଙ୍କଠାରେ ତୁମ୍ଭମାନଙ୍କୁ ଯେପରି କ୍ଷମା କଲେ, ସେହିପରି ପରସ୍ପରକୁ କ୍ଷମା କର" (ଏଫିସୀୟ ୪:୩୧–୩୨) ।**

ଯେତେବେଳେ ଆମେ ଗୋଟିଏ ନୂତନ ବର୍ଷ ମଧ୍ୟରେ ପ୍ରବେଶ କରୁ, ସେତେବେଳେ ଆମେ ନୂତନ ବର୍ଷର ସଂକଳ୍ପଗୁଡ଼ିକ ବିଷୟରେ ଚିନ୍ତା କରୁ । ମାତ୍ର ଦୁଃଖର ବିଷୟ, ଆମେ ପୂର୍ବ ବର୍ଷ କ'ଣ ସଂକଳ୍ପ କରିଥିଲୁ ଓ ସେଗୁଡ଼ିକ କେତେ ପରିମାଣରେ ସଫଳ କରିଥିଲୁ, ଏହାକୁ ସ୍ମରଣ କରିବା ପାଇଁ ମଧ୍ୟ ଆମେ ଚେଷ୍ଟା କରି ନ ଥାଉ । କେହି ଜଣେ ମଜାରେ କହିଥିଲେ, "ନୂତନ ବର୍ଷର ସଂକଳ୍ପଗୁଡ଼ିକୁ ଭାଙ୍ଗିବା ପାଇଁ କରାଯାଏ ।"

ନୂତନ ବର୍ଷର ସଂକଳ୍ପଗୁଡ଼ିକୁ ଜୀବନ୍ତ ରଖିବା ଏକ ଦଳଗତ କାର୍ଯ୍ୟ ଅଟେ । ଯୀଶୁଙ୍କ ଦ୍ୱାରା ତାଲିମପ୍ରାପ୍ତ ଶିଷ୍ୟମାନେ ଯୀଶୁଙ୍କୁ ସେହି ମୁହୂର୍ତ୍ତରେ ପରିତ୍ୟାଗ କରିଥିଲେ, ଯେଉଁ ମୁହୂର୍ତ୍ତରେ ଯୀଶୁ କ୍ରୁଶାର୍ପିତ ହୋଇଥିଲେ । ପୁନରୁତ୍ଥିତ ହେବା ପରେ, ଯୀଶୁ ଗାଲିଲୀ ପର୍ବତ ଉପରେ ଏକତ୍ରିତ ହେବା ପାଇଁ ଶିଷ୍ୟମାନଙ୍କୁ କହିଥିଲେ, ମାଥିଉ ୨୮:୧୬ । ସେମାନେ ବାଧ୍ୟ ହୋଇଥିଲେ, ମାତ୍ର ବିଳମ୍ବ ହେବାରୁ ସେମାନେ ସେମାନଙ୍କ ମୂଳ ବ୍ୟବସାୟ, ମାଛ ଧରାକୁ ଫେରି ଯାଇଥିଲେ, ଯୋହନ ୨୧:୧–୪ । ଆମେ ପ୍ରେରିତ ୨ ଅଧ୍ୟାୟରେ ପଢୁ ଯେ ପେଣ୍ଟିକଷ୍ଟ ଦିବସରେ ପବିତ୍ର ଆତ୍ମା ଈଶ୍ୱର ଉପର କୋଠରୀରେ ଶିଷ୍ୟମାନଙ୍କୁ ସାକ୍ଷାତ୍ କରିଥିଲେ ।

*(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)*

## ଆହ୍ୱାନର ପ୍ରତିଧ୍ୱନିର – ୟୁ–ଟ୍ୟୁବ୍ ଚ୍ୟାନେଲ !

### *ପାଳକ ସାମ୍ ସେଲ୍‌ଭାରାଜ୍‌ଙ୍କ ସହିତ ପ୍ରାର୍ଥନା !*




ତାମିଲରେ ଆମର ସୁସମାଚାର ବାର୍ତ୍ତାଗୁଡ଼ିକ ଆହ୍ୱାନର ପ୍ରତିଧ୍ୱନି – ୟୁ–ଟ୍ୟୁବ୍ ଚ୍ୟାନେଲ୍‌ରେ ପ୍ରତିଦିନ ସକାଳ ୫ଟାରେ ଓ ରବିବାର ୮.୩୦ରେ ପ୍ରଦର୍ଶିତ ହେଉଅଛି । ଆମେ ଅତି ଶୀଘ୍ର ଇଂରାଜୀ ଓ ହିନ୍ଦୀରେ ମଧ୍ୟ ଆମର ବାର୍ତ୍ତା ପ୍ରଦର୍ଶନ କରିବୁ । ଦୟାକରି ଆମ ପାଇଁ ପ୍ରାର୍ଥନା କରନ୍ତୁ ଓ ଆପଣମାନଙ୍କ ମତାମତ ପ୍ରେରଣ କରନ୍ତୁ । ଆପଣମାନେ ଆହ୍ୱାନର ପ୍ରତିଧ୍ୱନିର ପ୍ରାର୍ଥନା ସାଥୀ ଭାବରେ ପ୍ରତିଦିନ ସକାଳେ ପାଳକ ସାମ୍ ସେଲ୍‌ଭାରାଜ୍‌ଙ୍କ ସହିତ ବ୍ୟକ୍ତିଗତ ଭାବରେ ପ୍ରାର୍ଥନା କରିପାରିବେ ।

*ମେରୀ ଓ କ୍ରିଷ୍ଟି ଚିନ୍ନାୟା, ନିର୍ଦ୍ଦେଶକ*

ECHO OF HIS CALL - (1969-2019 GOLDEN JUBILEE YEAR)

REACHING NATIONS




# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



**ଆମର ମିଶନ ପଲିସୀ**

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

**CHIEF EDITOR**
Angeline Selvakumari Henry, M.A., M.Ed.
**MANAGING EDITOR**
Pastor Alex Samson Sam, B.Th., M.Div.
**ADMINISTRATION**
Bro. N. Prakasam, M.A., General Manager
**EDITORIAL BOARD**
Sis. Jesy Veena Sam
Sis. Serena Bevin, M.A., M.Phil., B.Ed.
Dr. A. Richard Samuel, M.A., Ph.D.
Rev. Dr. K.R. Rajasekaran
**EDITOR, PUBLISHER & PRINTER**
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 95661 31858
**CORE LEADERS**
Bro. K. Puratchivendan
Bro. A. Edward Durai
Bro. A. Alvin
Bro. K. Abraham
Sis. Dhanalakshmi Chinnaiah
**E.mail ID**
sam@echoofhiscall.org
biblecor@yahoo.co.in
**WEBSITES**
www.echoofhiscall.org
www.stpaulsmatriculation.com
**YOUTUBE CHANNEL**
Echo of His Call

"... ତୁମ୍ଭର ଭରସା ଉଚ୍ଛିନ୍ନ ହେବ ନାହିଁ" (ହିତୋପଦେଶ ୨୩:୧୮) ।

## ପ୍ରଭୁରେ ପ୍ରିୟ ବନ୍ଧୁଗଣ,

ଆମେ ଆପଣମାନଙ୍କୁ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଅତି ଆନନ୍ଦମୟ ନୂତନବର୍ଷ ୨୦୨୩ ପାଇଁ ଶୁଭକାମନା ଜଣାଉଅଛୁ । ଆମେ ଆମର ସେହି ସଦାପ୍ରଭୁ ପରମେଶ୍ୱରଙ୍କୁ ସମସ୍ତ ଗୌରବ ଓ ସମ୍ମାନ ଦେଉ ଅଛୁ ଯିଏ ଏହି ସମସ୍ତ ବର୍ଷ ଆମକୁ ଚାଳନା ଦେଇ ଆସିଛନ୍ତି ।

ଆପଣମାନେ କିପରି ଅଛନ୍ତି ? ଆମ ହୃଦୟରେ ଏକ ବାସ୍ତବ ବୋଝ ରଖି, ଆମେ ଆପଣମାନଙ୍କ ନିମନ୍ତେ ଓ ଆପଣମାନଙ୍କର ଆବଶ୍ୟକତା ନିମନ୍ତେ ପ୍ରାର୍ଥନା କରୁଅଛୁ । ଆମେ ସେହି ସମସ୍ତଙ୍କ ପାଇଁ ବ୍ୟକ୍ତିଗତ ଫାଇଲ ଓ ରେଜିଷ୍ଟାର ରଖିଅଛୁ, ଯେଉଁମାନେ ଆମ ସହିତ ବ୍ୟକ୍ତିଗତଭାବେ ସଂପର୍କରେ ଅଛନ୍ତି । ପୁଣି ପ୍ରତ୍ୟେକ ପ୍ରାର୍ଥନା ସାଥୀ, ବିଶ୍ୱାସ ସାଥୀ, ସଭ୍ୟସଭ୍ୟା, ଆଜୀବନ ସଭ୍ୟ ଓ ମହାଆଦେଶ ସାଥୀ ମାନଙ୍କର ମଧ୍ୟ ସବିଶେଷ ବିବରଣୀ ଲେଖି ରଖିଅଛୁ । ଆପଣମାନଙ୍କ ନିମନ୍ତେ ଓ ଆପଣମାନଙ୍କ ପରିସ୍ଥିତି ନିମନ୍ତେ ଆନ୍ତରିକ ଭାବେ ପ୍ରାର୍ଥନା କରିବାକୁ ଆମେ ଆମର ଦାୟିତ୍ୱ ଭାବରେ ଗ୍ରହଣ କରିଅଛୁ । ମୁଁ ନିଜେ ମୋର ବ୍ୟକ୍ତିଗତ କୋଠରୀରେ "ପେନ୍‌ସିଲ ପ୍ରାର୍ଥନା ଆସନ" ନାମକ ଏକ ବିଶେଷ ସ୍ଥାନକୁ ପୃଥକ୍ କରି ରଖିଅଛି ଓ ଏହି ଆସନଟି ଦିନର ୨୪ ଘଣ୍ଟା ପ୍ରାର୍ଥନା ପାଇଁ ପ୍ରସ୍ତୁତ ରହିଛି । ଆମର ସଦାପ୍ରଭୁ ପରମେଶ୍ୱର ଆମର ପ୍ରାର୍ଥନାକୁ ଗ୍ରହଣ କରି ଆପଣମାନଙ୍କୁ ଆଶୀର୍ବାଦ କରିବେ । କୌଣସି ବିଷୟ ପାଇଁ ଭୟ କରନ୍ତୁ ନାହିଁ । ଈଶ୍ୱର ଆମ ସହିତ ଅଛନ୍ତି । ଆମେ ସେହିସବୁ ସମସ୍ୟା ଓ କଷ୍ଟଗୁଡ଼ିକ ବିଷୟରେ ଅତି ଉତ୍ତମ ଭାବେ ଜାଣିଛୁ, ଯେଉଁଗୁଡ଼ିକର ଈଶ୍ୱରଙ୍କ ସନ୍ତାନମାନେ ସମ୍ମୁଖୀନ ହୁଅନ୍ତି । ସେଥିପାଇଁ ସାହସ ଧରନ୍ତୁ । ସଦାପ୍ରଭୁ ଏହି ନୂତନ ବର୍ଷରେ ଆପଣମାନଙ୍କ ନିମନ୍ତେ ମହତ୍ ବିଷୟ ସାଧନ କରିବେ । "ହେ ଦେଶ, ଭୟ କର ନାହିଁ, ଉଲ୍ଲସିତ ହୋଇ ଆନନ୍ଦ କର, କାରଣ ସଦାପ୍ରଭୁ ମହତ୍ କର୍ମମାନ କରିଅଛନ୍ତି" (ଯୋୟେଲ ୨:୨୧) ।

ଆମେ ସ୍ୱାଧୀନ ମଣ୍ଡଳୀ ଓ ସେବାକାର୍ଯ୍ୟ ବିଷୟରେ କିଛି ସୂଚନା ପାଇଅଛୁ । ଆମେ ସେହି କଷ୍ଟକର ପରିସ୍ଥିତିକୁ ବୁଝିଛୁ ଯାହା ଭାରତରେ, ଭବିଷ୍ୟତ୍‌ରେ ଏହିପରି ସେବାକାର୍ଯ୍ୟ ପାଇଁ ଦେଖା ଦେଇପାରେ । ସେଥିପାଇଁ ଈଶ୍ୱରଙ୍କ ଦାସମାନେ ସତର୍କ ରହିବା ଓ ଏହି ସମୟ ଗୁଡ଼ିକରେ, ଯାହା ଆବଶ୍ୟକ, ତାହା କରିବା ଏକାନ୍ତ ଆବଶ୍ୟକ ଅଟେ ।

ଯଦି ଆପଣମାନେ କୌଣସି ଅନୁଷ୍ଠାନ ଅଧୀନରେ ନ ରହି ସ୍ୱାଧୀନ ଭାବରେ ପ୍ରଭୁଙ୍କର ସେବା କରୁଛନ୍ତି, ତେବେ ଆପଣମାନଙ୍କର ସେବାକାର୍ଯ୍ୟକୁ କୌଣସି ଆନୁଷ୍ଠାନିକ ଭାବେ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ସହିତ ମିଳିତ କରାନ୍ତୁ । ଯଦି ଆପଣମାନେ ପ୍ରଥମେ କୌଣସି ଅନୁଷ୍ଠାନରେ ଥିଲେ, ମାତ୍ର ବର୍ତ୍ତମାନ କୌଣସି କାରଣରୁ ସ୍ୱାଧୀନଭାବେ କାର୍ଯ୍ୟ କରୁଛନ୍ତି, ତେବେ ଦୟାକରି ସମସ୍ତ ଭୁଲ୍ ବୁଝାମଣାକୁ ଭୁଲିଯାଇ ଆପଣମାନଙ୍କର ସଂପର୍କକୁ ସଠିକ୍ କରନ୍ତୁ । ଆପଣମାନଙ୍କ ନେତାମାନଙ୍କର ବଶୀଭୂତ ହୁଅନ୍ତୁ ଓ ସେମାନଙ୍କ ସହିତ ସହଯୋଗ କରନ୍ତୁ ଓ ସେହି ଅନୁଷ୍ଠାନରେ ଆପଣମାନଙ୍କର ସ୍ଥିତିକୁ ସୁଦୃଢ଼ କରନ୍ତୁ । ଅଧିକନ୍ତୁ, ଧର୍ମ ନିରପେକ୍ଷରେ, ଆପଣମାନଙ୍କ ପ୍ରତିବେଶୀମାନଙ୍କ ସହିତ ସୁସଂପର୍କ ରଖନ୍ତୁ । ଆପଣମାନେ ଗୋଟିଏ କେକ୍ କିମ୍ବା କିଛି ଫଳ ନେଇ ବଡ଼ଦିନ ସମୟରେ ସେମାନଙ୍କୁ ବ୍ୟକ୍ତିଗତଭାବେ ସାକ୍ଷାତ୍ କରନ୍ତୁ ଓ ସେମାନଙ୍କ ପ୍ରତି ଆପଣମାନଙ୍କର ପ୍ରେମ ପ୍ରଦର୍ଶନ କରନ୍ତୁ । ଦୟାକରି ଏହି ପରାମର୍ଶ ଗ୍ରହଣ କରନ୍ତୁ ଓ ଏହି ବିଷୟରେ ଦାୟିତ୍ୱହୀନ ହୁଅନ୍ତୁ ନାହିଁ ।

ଭବିଷ୍ୟତ୍‌ରେ, ଆପଣଙ୍କ ସେବାକାର୍ଯ୍ୟ ଈଶ୍ୱରଙ୍କ ଚାଳନା ଓ ଲୋକମାନଙ୍କ ଦୟା ଆବଶ୍ୟକ କରେ । "ଦେଖ, ବାଘମାନଙ୍କ ମଧ୍ୟରେ ମେଣ୍ଢାମାନଙ୍କ ପରି ମୁଁ ତୁମ୍ଭମାନଙ୍କୁ ପଠାଉ ଅଛି, ଅତଏବ ସର୍ପ ପରି ବୁଦ୍ଧିମାନ ଓ କପୋତ ପରି ଅହିଂସକ ହୁଅ" (ମାଥିଉ ୧୦:୧୬) । ଆମ ନିକଟରେ କେତେ ଜଣ ଦକ୍ଷ ଓକିଲ, ହିସାବ ନିରୀକ୍ଷକ ଓ ବାଇବଲ ବିଦ୍ୱାନ ଅଛନ୍ତି ଯେଉଁମାନେ ସେବା ମନୋଭାବ ସହିତ ଆପଣମାନଙ୍କୁ ସାହାଯ୍ୟ କରିବା ପାଇଁ ଇଚ୍ଛା କରୁଛନ୍ତି ।

ଯଦି ଆପଣମାନେ କୌଣସି ଥିଓଲୋଜିକାଲ୍ ଡିଗ୍ରୀ ବିନା କେବଳ ବିଶ୍ୱାସରେ ଈଶ୍ୱରଙ୍କର ଏକ ସଂପୂର୍ଣ୍ଣ ସମୟ ଦାସ ଅଟନ୍ତି, କାରଣ ତାଙ୍କ ସେବାକାର୍ଯ୍ୟ କରିବା ପାଇଁ ଈଶ୍ୱର ଆପଣମାନଙ୍କୁ ଆହ୍ୱାନ କରିଛନ୍ତି,

**Our Ministries:** ECHO OF HIS CALL Monthly Magazines (16 languages) · BIBLECOR - Postal Courses (3 languages) · Online Courses · Theological Correspondence Courses (2 languages) · Church Planting · Nehemiah Bible Colleges · Gospel Printing Press · Great Commission Partners · St. Paul's Matriculation School · Crusades · Community Development

*ତେବେ ଆପଣମାନଙ୍କୁ କୌଣସି ବାଇବଲ କଲେଜରେ କିମ୍ବା ଏକ କରେସପଣ୍ଡେସ ଶିକ୍ଷା ବ୍ୟବସ୍ଥାରେ ଏକ ନିୟମିତ ଛାତ୍ର ଭାବରେ କିମ୍ବା ଅନ୍‌-ଲାଇନ ବ୍ୟବସ୍ଥା ମାଧ୍ୟମରେ ଏକ ଧର୍ମ-ଶିକ୍ଷାର୍ଥୀ ଭାବରେ ଯୋଗ ଦେବାକୁ ଓ ଗୋଟିଏ ପ୍ରମାଣ ପତ୍ର ପାଇବାକୁ ହେବ । ଯଦି ଆପଣମାନଙ୍କ ପାଖରେ କୌଣସି ଥିଓଲୋଜିକାଲ କିମ୍ବା ସେବାକାର୍ଯ୍ୟ ସମ୍ବନ୍ଧୀୟ ପ୍ରମାଣ ପତ୍ର ନାହିଁ, ତେବେ ଦୟାକରି ଶୀଘ୍ର ଏହାକୁ ପାଇବା ପାଇଁ ଚେଷ୍ଟା କରନ୍ତୁ । ସେବା ସଂପର୍କିତ ନିଯୁକ୍ତି ପ୍ରମାଣ ପତ୍ର ଆପଣମାନଙ୍କୁ ଅନେକ ପରିମାଣରେ ସାହାଯ୍ୟ କରିବ । ଏହି ଉଦ୍ଦେଶ୍ୟ ପାଇଁ ଆପଣମାନଙ୍କୁ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ । ଆମେ ସମସ୍ତେ ମିଳିମିଶି ଏକତ୍ର କାର୍ଯ୍ୟ କରିବା । ''ଦେଖ, ଭାଇମାନେ ଏକତ୍ର ମିଳନରେ ବାସ କରିବା କେତେ ଉତ୍ତମ ଓ ମନୋହର ଅଟେ !'' (ଗୀତ ୧୩୩:୧) ।*

*ଯଦି ଆପଣମାନେ ଏହି ବିଷୟରେ କୌଣସି ସାହାଯ୍ୟ ଚାହୁଁଛନ୍ତି, ତେବେ ପତ୍ର କିମ୍ବା ଇ-ମେଲ୍‌ ସାହାଯ୍ୟରେ ଆମ ସହିତ ଯୋଗାଯୋଗ କରନ୍ତୁ । ଆମେ ଆପଣମାନଙ୍କୁ ଯଥା-ସାଧ୍ୟ ସାହାଯ୍ୟ କରିବୁ । ଆସନ୍ତୁ, ଆମେ ଏକତ୍ରିତ ହେବା । ଆସନ୍ତୁ, ଆମେ ବିଜୟୀ ହେବା ।*

*ଯଦି ଈଶ୍ୱର ଇଚ୍ଛା କରନ୍ତି, ତେବେ ଏହି ନୂତନ ବର୍ଷରେ, ଆମେ ସୁସମାଚାର ପ୍ରଚାର, ବାପ୍ତିସ୍ମ ଓ ସେବକୀୟ ନିଯୁକ୍ତି ପାଇଁ ବିଭିନ୍ନ ସ୍ଥାନକୁ ଯିବା ନିମନ୍ତେ ଓ ଈଶ୍ୱରଙ୍କ ଦାସମାନଙ୍କୁ ଶକ୍ତିପୂର୍ଣ୍ଣ କରିବା ନିମନ୍ତେ ଆଶା କରିଅଛୁ । ଦୟାକରି ଆମର ଉତ୍ତମ ସ୍ୱାସ୍ଥ୍ୟ, ଅନୁକୂଳ ପାରିବାରିକ ସ୍ଥିତି ଓ ଉତ୍ତମ ଅର୍ଥନୈତିକ ଅବସ୍ଥା ପାଇଁ ବର୍ତ୍ତମାନଠାରୁ ପ୍ରାର୍ଥନା ଆରମ୍ଭ କରନ୍ତୁ ।*

*ଆମେ ବର୍ତ୍ତମାନ ପ୍ରତିଦିନ ସକାଳ ୫ଟାରେ ଓ ରବିବାର ସନ୍ଧ୍ୟା ୮.୩୦ରେ* **"ECHO OF HIS CALL"** *ନାମକ ଆମର ୟୁ-ଟ୍ୟୁବ୍‌ ଚ୍ୟାନେଲ୍‌ରେ ଆମର ବାର୍ତ୍ତା ପ୍ରସାରଣ କରୁଅଛୁ । ଆପଣମାନେ ସେଗୁଡ଼ିକୁ ଦେଖି ସୂଚନା ପାଇବା ପାଇଁ ଆମର ସଭ୍ୟ ହୋଇପାରିବେ ।*


***Media Ministry***

*ଆମ ସେବାକାର୍ଯ୍ୟର କୌଣସି ସ୍ଥାୟୀ ଅର୍ଥ ସହାୟତା ନାହିଁ । ଆମର ପ୍ରଭୁ ଯୀଶୁ ଆମର ଯୋଗାଣକର୍ତ୍ତା ଅଟନ୍ତି । ଆପଣମାନେ ମଧ୍ୟ ପ୍ରଭୁଙ୍କ ଚାଳନା ଅନୁସାରେ ଆମ ସେବାକାର୍ଯ୍ୟକୁ ସାହାଯ୍ୟ କରିପାରିବେ ।*

*ଯେଉଁ ପ୍ରଭୁ ଗତ ୫୪ ବର୍ଷ ଧରି ଆମର ହାତକୁ ଧରିଛନ୍ତି ଓ ଚାଳନା ଦେଉଛନ୍ତି, ସେ ଆପଣମାନଙ୍କୁ ମଧ୍ୟ ପ୍ରଚୁର ଭାବେ ଆଶୀର୍ବାଦ କରିବେ ।*

**ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ,**
**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

**ପାଳକ ଏସ୍‌. ସାମ୍‌ ସେଲ୍‌ଭାରାଜ୍‌ ଓ ଆଲେକ୍ସ ସାମସନ୍‌ ସାମ୍‌**
(+91) 98412 71858 / 98410 71858,
E.mail : samselvaraj333@gmail.com

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ଶିଷ୍ୟମାନେ ଶକ୍ତିପ୍ରାପ୍ତ ହୋଇଥିଲେ ଓ ସେମାନଙ୍କଠାରେ ଘୋର ପରିବର୍ତ୍ତନ ଦେଖା ଦେଇଥିଲା । ସେମାନେ ସୁସମାଚାରର ନିର୍ଭୀକ ପ୍ରଚାରକ ହୋଇଥିଲେ । ଆମେ ନୂତନ ବର୍ଷର ସଂକଳ୍ପଗୁଡ଼ିକ ବିଷୟରେ ଚିନ୍ତା କରୁଥିବା ସମୟରେ, ଆମକୁ ଏହା ବୁଝିବାକୁ ହେବ ଯେ ଆମେ ଈଶ୍ୱରଙ୍କ ସାହାଯ୍ୟ ବିନା ନୂତନ ବର୍ଷର ସଂକଳ୍ପ ପାଳନ କରିବା ଭଳି କୌଣସି କାର୍ଯ୍ୟ କରିପାରି ନ ଥାଉ ।

ଯୋହନ ୧୫:୫ରେ ଲେଖାଯାଇଛି, ''ମୁଁ ଦ୍ରାକ୍ଷାଲତା, ତୁମ୍ଭେମାନେ ଶାଖା, ଯେ ମୋ'ଠାରେ ରହେ ଓ ମୁଁ ଯାହାଠାରେ ରହେ, ସେ ପ୍ରଚୁର ଫଳ ଫଳେ, କାରଣ ମୋ' ବିନା ତୁମ୍ଭେମାନେ କିଛି କରି ପାର ନାହିଁ ।'' ସେଥିପାଇଁ ଆସନ୍ତୁ, ଆମେ ଏହି ଭରସାଦାୟକ ସତ୍ୟ ସହିତ ନୂତନ ବର୍ଷ -୨୦୨୩ ମଧ୍ୟରେ ପ୍ରବେଶ କରିବା ଯେ ଈଶ୍ୱରଙ୍କ ସହିତ ମିଳିତ ନ ହୋଇ ଆମେ କିଛି କରିପାରିବା ନାହିଁ । ମାତ୍ର ଈଶ୍ୱରଙ୍କ ପକ୍ଷରେ ସମସ୍ତ ବିଷୟ ସମ୍ଭବ ଅଟେ ।

ଆମ ମଧ୍ୟରୁ ଅନେକେ ରେଳ ଷ୍ଟେସନ ଓ ବସ ଷ୍ଟାଣ୍ଡରେ ଏହି ସାଙ୍କେତିକ ଚିହ୍ନ ଦେଖିଥିବେ, ''କମ୍‌ ଜିନିଷପତ୍ର, ଅଧିକ ସ୍ୱାଚ୍ଛନ୍ଦ୍ୟ, ଯାତ୍ରା ଅଧିକ ଆନନ୍ଦଦାୟକ ହୁଏ ।'' କେବଳ ଆମର ଜାଗତିକ ଯାତ୍ରାରେ ନୁହେଁ, ମାତ୍ର ଆମ ଜୀବନ ଯାତ୍ରାରେ ମଧ୍ୟ, ଏହି ବାକ୍ୟ ଅର୍ଥପୂର୍ଣ୍ଣ ଅଟେ । ଅନେକ ସମୟରେ, ଆମେ ବୋହୁଥିବା ଅଧିକ ବୋଝ କେବଳ ଆମ ପାଇଁ ନୁହେଁ, ମାତ୍ର ଅନ୍ୟମାନଙ୍କ ପାଇଁ ମଧ୍ୟ ଜୀବନକୁ ଶୋଚନୀୟ କରିଦିଏ । ଅନେକ ଲୋକ ବର୍ଷ ବର୍ଷ ଧରି ଭୁଲ୍‌, କ୍ଷତ, ଯନ୍ତ୍ରଣା, ମନ୍ଦ ମନୋନୟ, କ୍ରୋଧ, ତିକ୍ତତା, ହତାଶ, ବିଫଳତା, ଇତ୍ୟାଦିର ଭାରୀ ବୋଝ ଧରି ଚଳପ୍ରଚଳ ହୁଅନ୍ତି । ଏଗୁଡ଼ିକ ଆମର ବର୍ତ୍ତମାନ ଓ ଭବିଷ୍ୟତ୍‌ର ସଂପର୍କକୁ ନଷ୍ଟ କରି ସାମୂହିକ କ୍ଷତି ସାଧନ କରିପାରେ । ଯୀଶୁଙ୍କଠାରେ, ଆମ ଅତୀତର ଭୁଲ୍‌ ପାଇଁ କୌଣସି ଦଣ୍ଡାଜ୍ଞା ନାହିଁ କାରଣ ଆମେ ଅନନ୍ତକାଳୀନ ଅନୁଗ୍ରହ ଦ୍ୱାରା ଆଚ୍ଛାଦିତ ହୋଇଅଛୁ । ଆମେ ବୋହି ଚାଲିଥିବା ଅନାବଶ୍ୟକ ଭାରଗୁଡ଼ିକୁ ଦୂର କରି, ସ୍ୱାଧୀନ ଜୀବନ କାଟିବାର ଏହା ଏକ ପ୍ରକୃଷ୍ଟ ସମୟ ଅଟେ । ଏହି ଅନାବଶ୍ୟକ ଭାର ଆମର ଜୀବନଯାତ୍ରାକୁ କ୍ଳାନ୍ତିଦାୟକ ଓ ଭାରଗ୍ରସ୍ତ କରିଦିଏ ।

ଆମ ପ୍ରତ୍ୟେକଙ୍କ ପାଇଁ ଆମ ସଦାପ୍ରଭୁ ପରମେଶ୍ୱରଙ୍କ ନିକଟରେ ଗୋଟିଏ ଗୋଟିଏ ଯୋଜନା ଅଛି । ଆମର କ୍ଷତି କରିବା ପାଇଁ ନୁହେଁ, ମାତ୍ର ଆମକୁ ଉନ୍ନତ କରିବା ପାଇଁ ଓ ଆମକୁ ଏକ ଆଶା ଓ ଭବିଷ୍ୟତ୍‌ ଦେବା ପାଇଁ ତାଙ୍କର ଯୋଜନାଗୁଡ଼ିକ ଉଦ୍ଦିଷ୍ଟ ଅଟେ (ଯିରିମିୟ ୨୯:୧୧) । ଆମ ନିମନ୍ତେ ଥିବା ଈଶ୍ୱରଙ୍କ ଇଚ୍ଛା ଓ ତାଙ୍କ ଯୋଜନାଗୁଡ଼ିକୁ ବୁଝି, ଆମେ ଆତ୍ମିକ ଯାତ୍ରା ଆରମ୍ଭ କରୁ । ଏହା ଆମକୁ ଆମର ଯାତ୍ରାକୁ ଦିଗ ପ୍ରଦାନ କରେ ଓ ଦୃଷ୍ଟି ନିବଦ୍ଧ କରି ରହିବାରେ ଆମକୁ ସାହାଯ୍ୟ କରେ ।

ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀକୁ ଆମେ ବୋହୁଥିବା ଏପରି ଅନାବଶ୍ୟକ ବୋଝ ବିଷୟରେ ବିସ୍ତୃତ ଭାବରେ ଲେଖିଥିଲେ ଯାହା ଆମର ଯାତ୍ରାରେ ବାଧା ସୃଷ୍ଟି କରେ । **''ସମସ୍ତ ପ୍ରକାର କଟୁଭାବ, ରାଗ, କ୍ରୋଧ, କଳହ ଓ ନିନ୍ଦା, ପୁଣି ସମସ୍ତ ପ୍ରକାର ହିଂସା ତୁମ୍ଭମାନଙ୍କଠାରୁ ଦୂର ହେଉ । ଆଉ ପରସ୍ପର ପ୍ରତି ସଦୟ ହୁଅ, କୋମଳ ହୃଦୟ ହୁଅ, ପୁଣି ଈଶ୍ୱର ଖ୍ରୀଷ୍ଟଙ୍କଠାରେ ତୁମ୍ଭମାନଙ୍କୁ ଯେପରି କ୍ଷମା କଲେ, ସେହିପରି ପରସ୍ପରକୁ କ୍ଷମା କର''** (ଏଫି ୪:୩୧-୩୨) । ଏହା ବ୍ୟତୀତ, ପାଉଲ ଏହି ପରାମର୍ଶ ଦେଇଛନ୍ତି ଯେ ଆମେ ଆମ ଯାତ୍ରା ପାଇଁ କେବଳ ଆବଶ୍ୟକ ବୋଝ ବୋହିବା ଦ୍ୱାରା ଆମ ପାଇଁ ଓ ଆମର ସହଯାତ୍ରୀମାନଙ୍କ ପାଇଁ ମଧ୍ୟ ଆମର ଯାତ୍ରା ସ୍ୱାଚ୍ଛନ୍ଦ୍ୟକର ଓ ଆନନ୍ଦଦାୟକ ହେବ ।

ପାଉଲ ଆମର ଛ'ଟି ଅନାବଶ୍ୟକ ବୋଝ ଉଲ୍ଲେଖ କରିଛନ୍ତି :

୧) ତିକ୍ତତା
୨) ରାଗ
୩) କ୍ରୋଧ
୪) କଳହ
୫) ନିନ୍ଦା
୬) ହିଂସା

ପୁଣି ଆମେ ଯେଉଁ ସହାୟକ, ଉପଯୋଗୀ ଓ ଆବଶ୍ୟକୀୟ ବୋଝ ବହିବା ଉଚିତ, ତାହା ହେଉଛି –

୧) ଦୟା

୨) କୋମଳ ହୃଦୟ

୩) କ୍ଷମାଶୀଳ ମନୋଭାବ ।

## ୧. ତିକ୍ତତା କିମ୍ବା କଟୁଭାବ

ତିକ୍ତତା ଏପରି ଏକ ମନୋଭାବ, ଯେଉଁଥିରୁ ମୁକ୍ତି ପାଇବା କଷ୍ଟକର ଅଟେ । ଏହି ମନୋଭାବ ଆମକୁ ଆଘାତ ଦେଇଥିବା ବ୍ୟକ୍ତିମାନଙ୍କ ସହିତ ପୁନର୍ମିଳିତ ହେବା ପାଇଁ ଆମକୁ ଅନୁମତି ଦିଏ ନାହିଁ । ଆମେ ପାଇଥିବା ଅପମାନ ଓ କ୍ଷତି ଉପରେ ସର୍ବଦା ଚିନ୍ତା କରିବା ଦ୍ୱାରା ଏହି ଆବେଗକୁ ଉଦାର ଭାବରେ ପୋଷଣେ କରୁ ଓ ଏହାକୁ ଉଷ୍ମ ରଖୁ । ଏହା ଏକ କର୍କଟ ଯାହା ସଂପ୍ରସାରିତ ହୁଏ ଓ ଆମ ମନର ଆନନ୍ଦ ଓ ଶାନ୍ତିକୁ ନଷ୍ଟ କରେ । ଏହି ଅତିରିକ୍ତ ବୋଝ ଆମ ଯାତ୍ରାକୁ ଅତ୍ୟନ୍ତ କ୍ଲାନ୍ତିକର କରିଦିଏ ।

## ୨. ରାଗ

ବାର୍କଲୀ ନିଜ ଟୀକାରେ କହିଛନ୍ତି ଯେ ଏହା ଏକ ପ୍ରକାର କ୍ରୋଧ ଯାହା ଗୋଟିଏ କୁଟା ଭଳି ଜଳେ ଓ ଶିଖା ଅତିଶୀଘ୍ର ଉପରକୁ ଉଠେ । ଆମେ ପ୍ରାୟତଃ, ''ରାଗରେ ମୂର୍ଚ୍ଛା ଯିବା'' ଭଳି ଅନୁଭବ କରୁ । ଏହି ଖରାପ ମନୋଭାବ ବହୁ ପରିମାଣରେ ଚିତ୍କାର କରିବା ଦ୍ୱାରା ପ୍ରଦର୍ଶିତ ହୁଏ । ଯେତେବେଳେ ଜଣେ ଅନୁଭବ କରେ ଯେ କୌଣସି ଜଣେ ବ୍ୟକ୍ତି ପ୍ରତି ଅନ୍ୟାୟ କରାଯାଇଛି, ସେତେବେଳେ ସେହି ମନୋଭାବ ବିସ୍ଫୋରିତ ହୁଏ ।

ଖ୍ରୀଷ୍ଟିଆନ ବିଶ୍ୱାସୀମାନେ ମଧ୍ୟ କ୍ରୋଧ କରନ୍ତି ମନେକରନ୍ତୁ, ଥରେ ଜନ୍ ଗୋଟିଏ ରବିବାର ସକାଳେ ଗାଡ଼ି ଚଳେଇ ଗୀର୍ଜ୍ଜାକୁ ଯାଉଥିଲେ । ରାସ୍ତାରେ ଟିକେ ଅଧିକ ଭିଡ଼ ଥିଲା । ସେହି ସମୟରେ ଜନ୍‌ଙ୍କ କାର୍‌ର ପଛେ ପଛେ ଆସୁଥିବା ଅନ୍ୟ ଗୋଟିଏ କାର୍ ଆଗକୁ ବଢ଼ିବା ପାଇଁ ବାରମ୍ବାର ହର୍ଣ୍ଣ ବଜାଉଥିଲା । ଜନ୍ ତାକୁ ଆଗକୁ ଯିବା ପାଇଁ ରାସ୍ତା ଦେଇ ପାରୁ ନ ଥିଲେ କାରଣ ତାକୁ ଛାଡ଼ି ଦେବା ପାଇଁ ଆଉ ଖାଲି ଜାଗା ନ ଥିଲା । କୌଣସି ପ୍ରକାରେ ପଛ କାର୍‌ଟି ତାଙ୍କ କାର୍‌କୁ ଅତିକ୍ରମ କରି ଆଗକୁ ବଢ଼ିବାରେ ଲାଗିଲା ଓ ତାଙ୍କ କାର୍ ପାଖେ ସେହି ଅନ୍ୟ କାର୍‌ର ଚାଳକ ଗାଡ଼ିକୁ ଧୀର କରି ତାଙ୍କୁ ଅଭଦ୍ର ଭାଷାରେ ଗାଳି ଦେଲେ । ଜନ୍ ଆଘାତ ପାଇଲେ, ମାତ୍ର ନିଜ କ୍ରୋଧକୁ ନିୟନ୍ତ୍ରଣ କରି ଦେଲେ । ଗୀର୍ଜ୍ଜାରେ ପ୍ରବେଶ କରି ଜନ ଦେଖିଲେ ଯେ ସେହି କାର୍‌ଟି ଗୀର୍ଜ୍ଜା ଗୃହର ପରିସର ମଧ୍ୟରେ ଠିଆ ହୋଇଛି । ସେ ଏହା ଦେଖି ଆହୁରି ଆଶ୍ଚର୍ଯ୍ୟ ହେଲେ ଯେ ସେହି ଗାଡ଼ିର ଚାଳକ ତାଙ୍କ ମଣ୍ଡଳୀର ନୂତନ ପାଳକ ଥିଲେ ଓ ମଣ୍ଡଳୀର ଦାୟିତ୍ୱଭାର ଗ୍ରହଣ କରିବାକୁ ଯାଉଥିଲେ । ଉପାସନା ପରେ, ଯେତେବେଳେ ସେହି ନୂତନ ପାଳକ ଜନ୍‌ଙ୍କୁ ସାକ୍ଷାତ୍ କରିଥିଲେ, ସେତେବେଳେ ତାଙ୍କୁ କେତେ ଖରାପ ଲାଗିଥିବ, ତାହା କଳ୍ପନା କରନ୍ତୁ । ରାସ୍ତାରେ ଏହି ପ୍ରକାର କ୍ରୋଧକୁ, ଖ୍ରୀଷ୍ଟିଆନମାନେ ସେମାନଙ୍କ ଖ୍ରୀଷ୍ଟୀୟ ସାକ୍ଷ୍ୟକୁ ଧରି ରଖିବା ପାଇଁ ସଂପୂର୍ଣ୍ଣ ଭାବରେ ବର୍ଜ୍ଜନ କରିବା ଆବଶ୍ୟକ ।

## ୩. କ୍ରୋଧ

କ୍ରୋଧକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରିବ – (କ) ଧାର୍ମିକ କ୍ରୋଧ ଓ (ଖ) ଅଧାର୍ମିକ କ୍ରୋଧ । ଯୀଶୁ ସେତେବେଳେ କ୍ରୋଧ କରୁଥିଲେ ଯେତେବେଳେ ତାଙ୍କ ପିତାଙ୍କ ମନ୍ଦିରକୁ ''ଦସ୍ୟୁମାନଙ୍କର ଏକ ଗହ୍ୱର''ରେ ପରିଣତ ହୋଇଥିବାର ସେ ଦେଖିଥିଲେ (ମାଥିଉ ୨୧:୧୩) । ସେ ଗୋଟିଏ ଚାବୁକ ଧରି, ସମସ୍ତ ବ୍ୟବସାୟୀଙ୍କୁ ବିତାଡ଼ିତ କରିଥିଲେ । ଏହାର ବିପରୀତରେ, ଆମ ପରି ମନୁଷ୍ୟମାନଙ୍କ ପାଇଁ ଧାର୍ମିକ କ୍ରୋଧ ପ୍ରକାଶ କରିବା କଷ୍ଟକର ଅଟେ କାରଣ ଆମର ଆବେଗ ଗୁଡ଼ିକ ପାପ ଦ୍ୱାରା ଦଂଶିତ ହୋଇଛି । ବାଇବଲ ଅନୁସାରେ, ଆମକୁ ''ପାପ'' ବିରୁଦ୍ଧରେ ଆମର କ୍ରୋଧ ପ୍ରଦର୍ଶନ କରିବାକୁ ହେବ – ''ହେ ସଦାପ୍ରଭୁଙ୍କ ପ୍ରେମକାରୀଗଣ, ତୁମ୍ଭେମାନେ ମନ୍ଦତା ଘୃଣା କର'' (ଗୀତ ୯୭:୧୦) । ''ଭୀତ ହୁଅ, ପାପ କର ନାହିଁ'' (ଗୀତ ୪:୪) । ପାଉଲ ଏଫିସୀୟ ୪:୨୬ରେ ସମାନ କଥା ଲେଖିଛନ୍ତି । ତାହା ସହିତ ପାଉଲ ଏକ ଚେତନା ବାଣୀ ମଧ୍ୟ ଯୋଗ କରିଛନ୍ତି : ''କ୍ରୁଦ୍ଧ ହେଲେ ପାପ କର ନାହିଁ, ସୂର୍ଯ୍ୟ ଅସ୍ତ ନ ହେଉଣୁ କ୍ରୋଧ ପରିତ୍ୟାଗ କର, ପୁଣି ଶୟତାନକୁ ସ୍ଥାନ ଦିଅ ନାହିଁ'' (ଏଫିସୀ ୪:୨୬,୨୭) ।

ଯଦି ଆମେ ଜ୍ଞାନୀ ଅଟୁ, ତେବେ ଯାକୁବଙ୍କର ଏହି କଥାକୁ ସ୍ମରଣ କରି କ୍ରୋଧ କରିବାରେ ଧୀର ହେବା – ''... ପ୍ରତ୍ୟେକ ଜଣ ... କ୍ରୋଧ କରିବାରେ ଧୀର ହେଉ । କାରଣ ମନୁଷ୍ୟର କ୍ରୋଧ ଈଶ୍ୱରଙ୍କ ଗ୍ରାହ୍ୟ ଧାର୍ମିକତା ସାଧନ କରେ ନାହିଁ'' (ଯାକୁବ ୧:୧୯,୨୦) । ସେଥିପାଇଁ ପାଉଲ ଏହି ଅନାବଶ୍ୟକ ଓ ଭାରୀ ବୋଝରୁ ମୁକ୍ତି ପାଇବା ପାଇଁ ତିନୋଟି ପରାମର୍ଶ ଦେଇଛନ୍ତି । ପ୍ରଥମ – ''ପାପ କରନ୍ତୁ ନାହିଁ ।'' କିପରି ଧାର୍ମିକ କ୍ରୋଧ ପ୍ରକାଶ କରିବା ସହିତ ପାପ କରିବା ନାହିଁ – ଏହା ଏପରି ଏକ ପ୍ରଶ୍ନ ଯାହା ଆମ ମନରେ ଉତ୍ପୃତ ହୁଏ । ଜନ୍ ସ୍କଟ ନିଜର **BST** ଧାରାବାହିକ ଲେଖା ''ଏଫିସୀୟର ବାର୍ତ୍ତା''ରେ ଏହାର ଉତ୍ତର ପ୍ରଦାନ କରିଛନ୍ତି ''ଆମର କ୍ରୋଧ ଯେ କ୍ଷତିଗ୍ରସ୍ତ ଗର୍ବରୁ, ଘୃଣାରୁ, ହିଂସାରୁ, ଶତ୍ରୁତାରୁ ଓ ପ୍ରତିଶୋଧ ପରାୟଣ ମନୋଭାବରୁ ମୁକ୍ତ ଅଟେ – ଏହି ବିଷୟରେ ଆମକୁ ସୁନିଶ୍ଚିତ ହେବାକୁ ପଡ଼ିବ ।'' ଦ୍ୱିତୀୟରେ, ଆମକୁ ସୂର୍ଯ୍ୟାସ୍ତ ପୂର୍ବରୁ ଆମର କ୍ରୋଧ ପରିତ୍ୟାଗ କରିବାକୁ ହେବ । ଏହାର ଅର୍ଥ, ଆମେ ଆମର କ୍ରୋଧକୁ ପୋଷଣ କରି ଅନେକ ଦିନ ପର୍ଯ୍ୟନ୍ତ ଜୀବନ୍ତ ରଖିବା ଉଚିତ୍ ନୁହେଁ । ତୃତୀୟରେ, ଆମେ ଆମ ଜୀବନରେ ଶୟତାନକୁ ସ୍ଥାନ ଦେବା ଉଚିତ୍ ନୁହେଁ । ଆମର କ୍ରୋଧକୁ ଘୃଣା କିମ୍ବା ହିଂସା କିମ୍ବା ବିଶ୍ୱାସଘାତକତା ପାଇଁ ପ୍ରରୋଚିତ କରିବା ଦ୍ୱାରା ଏହାର ସୁଯୋଗ ନେବା ନିମନ୍ତେ ଆମେ ଶୟତାନକୁ ଅନୁମତି ଦେବା ଉଚିତ୍ ନୁହେଁ । ଏହି ଭାରୀ ବୋଝରୁ ମୁକ୍ତି ପାଇବା ପାଇଁ ଜ୍ଞାନୀ ରାଜା ଶଲୋମନ ଅନ୍ୟ ଏକ ପରାମର୍ଶ ଦେଇଥିଲେ : ''କୋମଳ ଉତ୍ତର କ୍ରୋଧକୁ ଦମନ

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)


# ନିହିମିଆ ବାଇବଲ

**ଆବାସିକ ମହାବିଦ୍ୟାଳୟ, ସାଂଧ୍ୟ କଲେଜ**

ଭେଲାଚେରୀ / ଚେପକ୍ ଓ ସନ୍ତୋଷପୂରମ୍, ଚେନ୍ନାଇ

ECHO OF HIS CALL 1969-2019 REACHING NATIONS

**ମାଧ୍ୟମ ~ ହିନ୍ଦୀ / ତାମିଲି**

Regd. Candidate for Membership ATA NEHEMIAH BIBLE COLLEGE CHENNAI ★ ECHO OF HIS CALL ★ Estd.: 1969

ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ – ATA

ବିଗତ ୫୩ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

**ଥିଓଲୋଜିରେ ସାର୍ଟିଫିକେଟ : ଏକ ବର୍ଷ**

**ଥିଓଲୋଜିରେ ଡିପ୍ଲୋମା : ଦୁଇ ବର୍ଷ**

**ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ** **ଆଡ୍‌ମିଶନ ପାଇଁ ଶ୍ରୀଘ୍ର ଆସନ୍ତୁ !**

ଯୋଗାଯୋଗ : **The Chairman, Nehemiah Bible College.**

**10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.**

**Phone : (+91-44) 2852 8282, Cell : (+91) 98410 71852 / 95661 31858**

E.mail : sam@echoofhiscall.org / Website : www.echoofhiscall.org

✶ ONLINE CLASSES ARE AVAILABLE ✶

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୩ ଜାନୁୟାରୀ ୧୯ ରୁ ୨୦୨୩ ଫେବୃଆରୀ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

| | |
|---|---|
| ଜାନୁୟାରୀ ୧୯ ⇨ | ଆମର ମୁଖ୍ୟ ଓ ଶାଖା ମଣ୍ଡଳୀଗୁଡ଼ିକରେ ବଡଦିନ ଓ ନୂତନ ବର୍ଷକୁ ମହାଡ଼ମ୍ବରରେ ପାଳନ କରିବା ପାଇଁ ଆମକୁ ସାମର୍ଥ୍ୟ ଦେଇଥିବାରୁ । |
| ଜାନୁୟାରୀ ୨୦ ⇨ | ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ଥିଓଲୋଜିକାଲ କରେସ୍‌ପଣ୍ଡେସ୍ ପାଠ୍ୟକ୍ରମର ସମସ୍ତ କାର୍ଯ୍ୟ ନିମନ୍ତେ । |
| ଜାନୁୟାରୀ ୨୧ ⇨ | ଆମ ମୁଖ୍ୟ ଉପାସନାଳୟରେ ପୁରୁଷମାନଙ୍କ ସଭା ଉପରେ ଆଶୀର୍ବାଦ କରିଥିବାରୁ । |
| ଜାନୁୟାରୀ ୨୨ ⇨ | ଆମ ଛାପାଖାନାରେ ମୁଦ୍ରିତ ହୋଇ ମିଶନ କ୍ଷେତ୍ର ଗୁଡ଼ିକରେ ବଣ୍ଟା ଯାଉଥିବା ଆମର ୧୬ଟି ଭାଷାର ପତ୍ରିକା ଉପରେ ତାଙ୍କର ଆଶୀର୍ବାଦ ନିମନ୍ତେ । |
| ଜାନୁୟାରୀ ୨୩ ⇨ | ଗତ ମାସ ଆମର ସମସ୍ତ ଅର୍ଥନୈତିକ ଓ ଆତ୍ମିକ ଆଶୀର୍ବାଦ ପୂରଣ କରିଥିବାରୁ । |
| ଜାନୁୟାରୀ ୨୪ ⇨ | ଆମର ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍ ଓ ତାଙ୍କ ପରିବାରକୁ ପ୍ରଚୁର ଆଶୀର୍ବାଦ କରିଥିବାରୁ । |
| ଜାନୁୟାରୀ ୨୫ ⇨ | ନିୟମିତ ଭାବରେ ଥିଓଲୋଜିକାଲ ଶିକ୍ଷାଧିବେଶନ ଚଳେଇବା ପାଇଁ ସମର୍ଥ କରିଥିବାରୁ । |
| ଜାନୁୟାରୀ ୨୬ ⇨ | ଆମର ପ୍ରାର୍ଥନାସାଥୀ, ସଭ୍ୟସଭ୍ୟା, ବିଶ୍ୱାସସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀଗଣ ଓ ସେମାନଙ୍କ ପରିବାରଗୁଡ଼ିକ ପ୍ରତି ତାଙ୍କର ଦୟା ନିମନ୍ତେ । |
| ଜାନୁୟାରୀ ୨୭ ⇨ | ଆମର ଆବାସିକ ନିହିମିୟା ବାଇବଲ କଲେଜର ଛାତ୍ରମାନଙ୍କ ପାଇଁ ସଙ୍ଗୀତ ଶିକ୍ଷାର ସୁଯୋଗ ଦେଇଥିବାରୁ । |
| ଜାନୁୟାରୀ ୨୮ ⇨ | ଆମ ମଣ୍ଡଳୀକୁ ନୂତନ ବିଶ୍ୱାସୀମାନଙ୍କୁ ଯୋଗାଇ ଥିବାରୁ । |
| ଜାନୁୟାରୀ ୨୯ ⇨ | ଆମ ଅନୁଷ୍ଠାନ ପାଇଁ ନୂତନ କର୍ମଚାରୀମାନଙ୍କୁ ଯୋଗାଇଥିବାରୁ । |
| ଜାନୁୟାରୀ ୩୦ ⇨ | ଆମର ଗ୍ରାମ୍ୟ ଉଚ୍ଚ ବିଦ୍ୟାଳୟ (ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ)ର ଦରିଦ୍ର ଛାତ୍ରମାନଙ୍କ ପାଇଁ ସଙ୍ଗୀତ ଶିକ୍ଷା (କିବୋର୍ଡ ଓ ଗିଟାର)ର ସୁବିଧା ଦେଇଥିବାରୁ । |
| ଜାନୁୟାରୀ ୩୧ ⇨ | ଆମର ସହଯୋଗୀ ସମ୍ପାଦକ ଓ ସେମାନଙ୍କ ସହଯୋଗ ନିମନ୍ତେ । |
| ଫେବୃଆରୀ ୧ ⇨ | ଆବାସିକ ନିହିମିୟା ବାଇବଲ କଲେଜର ଛାତ୍ରମାନେ ଯେପରି ସନ୍ଧ୍ୟା ସମୟରେ ଖେଳିପାରିବେ, ଏଥିପାଇଁ କ୍ୟାରମ ବୋର୍ଡ଼ ଯୋଗାଇଥିବାରୁ । |
| ଫେବୃଆରୀ ୨ ⇨ | ଆମର ମୁଖ୍ୟ ଓ ଶାଖା ମଣ୍ଡଳୀସମୂହ ଓ ସେମାନଙ୍କର ବିଶ୍ୱାସୀମାନଙ୍କ ପାଇଁ । |
| ଫେବୃଆରୀ ୩ ⇨ | ଆମ ଡାକ୍ତରଖାନା ସେବାକାର୍ଯ୍ୟରେ ଈଶ୍ୱରଙ୍କର ଅଲୌକିକ କାର୍ଯ୍ୟ ନିମନ୍ତେ । |

## ପ୍ରାର୍ଥନାର ବିଷୟ

| | |
|---|---|
| ଫେବୃଆରୀ ୪ ⇨ | ସମସ୍ତ ଖ୍ରୀଷ୍ଟୀୟ ଅନୁଷ୍ଠାନ ଓ ମଣ୍ଡଳୀଗୁଡ଼ିକ ଉପରେ ଆଶୀର୍ବାଦ ଓ ସୁରକ୍ଷା ନିମନ୍ତେ । |
| ଫେବୃଆରୀ ୫ ⇨ | ସମଗ୍ର ପୃଥିବୀରେ ଶାନ୍ତି ନିମନ୍ତେ । |
| ଫେବୃଆରୀ ୬ ⇨ | ମହିଳା ଓ ଶିଶୁମାନଙ୍କ ବିରୁଦ୍ଧରେ ଚାଲିଥିବା ହିଂସାରୁ ସେମାନଙ୍କୁ ସୁରକ୍ଷା ଦେବା ନିମନ୍ତେ । |
| ଫେବୃଆରୀ ୭ ⇨ | ଏହି ମାସ ''ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ'' ପାଇଁ ଆବଶ୍ୟକୀୟ ଅର୍ଥ ଯୋଗାଇବା ନିମନ୍ତେ । |
| ଫେବୃଆରୀ ୮ ⇨ | ''ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ''ର ସମସ୍ତ କର୍ମଚାରୀ ଯେପରି ଉତ୍ତମ ସ୍ୱାସ୍ଥ୍ୟ ପ୍ରାପ୍ତ ହେବେ । |
| ଫେବୃଆରୀ ୯ ⇨ | ସମସ୍ତ କ୍ଷେତ୍ରରେ ଆମ ଦେଶର ଏକତା ଓ ଉନ୍ନତି ନିମନ୍ତେ । |
| ଫେବୃଆରୀ ୧୦ ⇨ | ଆମର ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାର ନିମନ୍ତେ । |
| ଫେବୃଆରୀ ୧୧ ⇨ | ନିଜ ଆତ୍ମ-ଜୀବନୀ ଲେଖିବା ପାଇଁ ଆମ ବରିଷ୍ଠ ପାଳକଙ୍କୁ ଅନୁମତି ଦେବାରେ ଓ ଚାଳନା ଦେବାରେ ତାଙ୍କର ସାହାଯ୍ୟ ନିମନ୍ତେ । |
| ଫେବୃଆରୀ ୧୨ ⇨ | ଏହି ମାସରେ ଆମର ସମସ୍ତ ଆବଶ୍ୟକତା ପୂରଣ କରିବା ନିମନ୍ତେ । |
| ଫେବୃଆରୀ ୧୩ ⇨ | ପୃଥିବୀରେ ତାଙ୍କ ରାଜ୍ୟ ନିର୍ମାଣ ପାଇଁ ସ୍ଥିର ଦର୍ଶନ ଦେବା ନିମନ୍ତେ । |
| ଫେବୃଆରୀ ୧୪ ⇨ | ଭାରତର ଦୁର୍ଗମ ସ୍ଥାନଗୁଡ଼ିକରେ ସୁସମାଚାର ପହଞ୍ଚାଇବା ପାଇଁ ଆମକୁ ସାମର୍ଥ୍ୟ ଦେବା ନିମନ୍ତେ । |
| ଫେବୃଆରୀ ୧୫ ⇨ | ଆମର ଅନୁଷ୍ଠାନ, ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାର ନିମନ୍ତେ । |
| ଫେବୃଆରୀ ୧୬ ⇨ | ''ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ''ର ଯୁବ କାର୍ଯ୍ୟକ୍ରମ ଓ ସୁସମାଚାର ପ୍ରଚାର କାର୍ଯ୍ୟ ନିମନ୍ତେ । |
| ଫେବୃଆରୀ ୧୭ ⇨ | ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ ଓ ତାଙ୍କ ପରିବାରର ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ । |
| ଫେବୃଆରୀ ୧୮ ⇨ | ପ୍ରତ୍ୟେକ ମଦ୍ୟପ ଓ କୁକର୍ମକାରୀମାନେ ଯେପରି ଅନୁତାପ କରିବେ । |

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

କରେ, ମାତ୍ର କଟୁ ବାକ୍ୟ କୋପ ଜନ୍ମାଏ'' (ହିତୋପଦେଶ ୧୫:୧) । ସେଥିପାଇଁ ଆସନ୍ତୁ, ଆମେ ଏକ ସୁଗମ ଯାତ୍ରା ପାଇଁ କ୍ରୋଧରୂପକ ଭାରୀ ବୋଝକୁ ଦୂର କରିବା ।

## ୪. କଳହ

କଳହର ଅର୍ଥ କର୍କଶ, ଉଚ୍ଚ ଧ୍ୱନି ସହିତ ଅନିୟନ୍ତ୍ରିତ ଭାବରେ ବିବାଦ କରିବା । ଅନେକ ଥର, ଆମେ ମଣ୍ଡଳୀ ଭିତରେ ବାକ୍‌ବିତଣ୍ଡା ଦ୍ୱାରା ମଣ୍ଡଳୀ ପ୍ରତି ଅସମ୍ମାନ ଆଣୁଥିବା ମଣ୍ଡଳୀ ସମିତିର ସଦସ୍ୟମାନଙ୍କୁ ଦେଖୁ । ଏପରିକି ବେଳେବେଳେ ମଣ୍ଡଳୀ ସମିତିର ନିର୍ବାଚନ ସମୟରେ ଏହି କଳହକୁ ବନ୍ଦ କରିବା ପାଇଁ ପୋଲିସର ହସ୍ତକ୍ଷେପ ଆବଶ୍ୟକ ହୁଏ । ପାଉଲ ତୀମଥିଙ୍କୁ ଲେଖିଥିବା ପ୍ରଥମ ପତ୍ରରେ ଅଧକ୍ଷଙ୍କର ଯେଉଁ ଗୋଟିଏ ଗୁଣ ଲିପିବଦ୍ଧ କରିଛନ୍ତି, ତାହା ହେଉଛି – ଜଣେ ଅଧକ୍ଷ : ''... ବିବାଦପ୍ରିୟ ନ ହୋଇ ବରଂ ମୃଦୁଶୀଳ, ନିର୍ବିରୋଧ ଓ ନିର୍ଲୋଭ ହେବା ଉଚିତ୍'' (୧ ତୀମଥି ୩:୩) । ଜ୍ଞାନୀରାଜା ଶଲୋମନ ''କଳିହୁଡି ସ୍ତ୍ରୀ ସାଙ୍ଗରେ ପ୍ରଶସ୍ତ ଗୃହରେ ବାସ କରିବା ଅପେକ୍ଷା ଛାତର ଗୋଟିଏ କୋଣରେ ବାସ କରିବା'' ଶ୍ରେୟ ମନେ କରିଥିଲେ (ହିତୋପଦେଶ ୨୧:୯) ।

## ୫. ନିନ୍ଦା

ନିନ୍ଦା ହେଉଛି ଅନ୍ୟମାନଙ୍କ ବିଷୟରେ, ବିଶେଷ ଭାବରେ ସେମାନଙ୍କ ଅଜ୍ଞାତରେ ମନ୍ଦ କଥା କହିବା । ଏହି କଥାବାର୍ତ୍ତା କେବଳ ସେମାନଙ୍କର ନୁହେଁ ମାତ୍ର ଆମର ଖ୍ୟାତିକୁ ମଧ୍ୟ ନଷ୍ଟ କରିଦିଏ । ଗଣନା ପୁସ୍ତକ ୧୨:୧ରେ ମରିୟମ ଓ ହାରୋଣ ମୋଶାଙ୍କର ନିନ୍ଦା କରିଥିବାର କାହାଣୀ ଅଛି । ଲେଖାଯାଇଛି – ''ମୋଶା ଜଣେ କୂଶୀୟ ସ୍ତ୍ରୀକୁ ବିବାହ କରିଥିଲେ । ଏଣୁ ମରିୟମ ଓ ହାରୋଣ ... ମୋଶାଙ୍କ ବିରୁଦ୍ଧରେ କଥା କହିଲେ, ... ମାତ୍ର ଏକଥା ସଦାପ୍ରଭୁ ଶୁଣିଲେ'' (ଗଣନା ୧୨:୧,୨) । ସଦାପ୍ରଭୁ କ୍ରୋଧାନ୍ୱିତ ହୋଇ ମରିୟମ ଓ ହାରୋଣଙ୍କୁ କହିଥିଲେ, ''ତୁମ୍ଭେମାନେ ଆମ୍ଭ ସେବକ, ମୋଶା ବିରୁଦ୍ଧରେ କଥା କହିବାକୁ କାହିଁକି ଭୀତ ହେଲ ନାହିଁ ?'' (ଗଣନା ୧୨:୮) । ସଙ୍ଗେ ସଙ୍ଗେ ଈଶ୍ୱରଙ୍କ କ୍ରୋଧ ସେମାନଙ୍କ ଉପରେ ପଡ଼ିଲା ଓ ମରିୟମ କୁଷ୍ଠ ରୋଗରେ ଆକ୍ରାନ୍ତ ହେଲେ । ଆମ ମୁଖରୁ ନିର୍ଗତ ହେଉଥିବା ପ୍ରତ୍ୟେକଟି ଶବ୍ଦ ପାଇଁ ଆମେ ଉତ୍ତରଦାୟୀ ଅଟୁ । ''... ତୁମ୍ଭେମାନେ ଯାହା ଯାହା ଅନ୍ଧକାରରେ କହିଅଛ, ସେହିସବୁ ଆଲୋକରେ ଶୁଣାଯିବ, ପୁଣି ଯାହା ଗୁପ୍ତ କୋଠରୀରେ ଗୋପନରେ କହିଅଛ, ତାହା ଘରଛାତ ଉପରେ ଘୋଷଣା କରାଯିବ'' (ଲୂକ ୧୨:୩) ଏହା ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ସତର୍କ ବାଣୀ ଅଟେ । ସେହି କାରଣରୁ, ଯାକୁବ ନିଜ ପୁସ୍ତକର ୩ ଅଧ୍ୟାୟରେ, ଜିହ୍ୱାକୁ ନିୟନ୍ତ୍ରଣ କରିବା ଉପରେ ଏକ ଦୀର୍ଘ ଉପଦେଶ ପ୍ରଦାନ କରିଛନ୍ତି । ନିନ୍ଦା ଏକ ବିପଜ୍ଜନକ ଅନାବଶ୍ୟକ ବୋଝ ଅଟେ । ଏହାକୁ ଫିଙ୍ଗି ଦିଅନ୍ତୁ ।

## ୬. ହିଂସା

ହିଂସା ହେଉଛି, ଲୋକମାନଙ୍କ ବିରୁଦ୍ଧରେ କୁ-ଇଚ୍ଛା ପୋଷଣ କରିବା ଓ ମନ୍ଦ ଷଡ଼ଯନ୍ତ୍ର କରିବା । ବାଇବଲରେ ହିଂସାର ସର୍ବାଧିକ ଉପଯୁକ୍ତ ଦୃଷ୍ଟାନ୍ତ ଆଦିପୁସ୍ତକ ୩୭ ଅଧ୍ୟାୟରେ ମିଳେ । ଯୋଷେଫଙ୍କ ଭାଇମାନେ ତାଙ୍କ ବିରୁଦ୍ଧରେ ମନ୍ଦ ଷଡ଼ଯନ୍ତ୍ର କରିଥିଲେ । ''ଆସ ଆମ୍ଭେମାନେ ତାକୁ ବଧ କରି କୌଣସି ଏକ ଗାତରେ ପକାଇ ଦେଉ, ପୁଣି କୌଣସି ହିଂସ୍ରକ ଜନ୍ତୁ ତାକୁ ଖାଇ ପକାଇଲା ବୋଲି କହିବା, ଆଉ, ଦେଖିବା, ତା'ର ସ୍ୱପ୍ନ ସବୁରୁ କ'ଣ ହେବ ?'' (ଆଦି ୩୭:୨୦) । ମାତ୍ର ଈଶ୍ୱର ଭିନ୍ନ ଯୋଜନା କରିଥିଲେ ଓ ଯୋଷେଫ ଜୀବନ ରୁବେନ୍‌ଙ୍କ ଦ୍ୱାରା ରକ୍ଷା ପାଇଥିଲା । ପରେ, ଈଶ୍ୱର ମିଶରରେ ଯୋଷେଫଙ୍କୁ ଉଚ୍ଚ ପଦରେ ଅଧିଷ୍ଠିତ କରାଇଥିଲେ ଓ ତାଙ୍କ ଭାଇମାନଙ୍କୁ ଅଣାଇ ଯୋଷେଫଙ୍କ ସମ୍ମୁଖରେ ନତ କରାଇଥିଲେ । ସମାନ ଭାବରେ, ହାମନ ମର୍ଦ୍ଦଖୟଙ୍କ ବିରୁଦ୍ଧରେ କୁମନ୍ତ୍ରଣା କରିଥିଲେ ଓ ତାଙ୍କ ପାଇଁ ଏକ ୭୫ ଫୁଟ ଉଚ୍ଚର ଫାଶୀ ଖୁଣ୍ଟ ନିର୍ମାଣ କରିଥିଲେ (ଏଷ୍ଟର ୫:୧୪) । ମାତ୍ର, ବିଦ୍ରୁପର ବିଷୟ, ଏହା ହାମାନଙ୍କ ବିରୁଦ୍ଧରେ ଯାଇଥିଲା ଓ ତାଙ୍କୁ ହିଁ ସେହି ଫାଶି ଖୁଣ୍ଟରେ ମୃତ୍ୟୁ ପର୍ଯ୍ୟନ୍ତ ଝୁଲାଇ ଦିଆଯାଇଥିଲା (ଏଷ୍ଟର ୭:୯) ।

ଆମର ସୁଗମ ଯାତ୍ରାକୁ ବାଧା ଦେଉଥିବା ଏହି ଛ'ଟି ଅନାବଶ୍ୟକ ବୋଝ ବିଷୟରେ ବୁଝିବା ପରେ, ଏହି ବାଧାଜନକ ବୋଝଗୁଡ଼ିକୁ କିପରି ଫିଙ୍ଗିବାକୁ ହେବ, ତାହା ଆମକୁ ଖୋଜି ବାହାର କରିବାକୁ ହେବ ।

ଆମକୁ ଯେଉଁ ପ୍ରଥମ ଓ ମୁଖ୍ୟ ପଦକ୍ଷେପ ନେବାକୁ ହେବ, ତା' ହେଉଛି, ନିଜ ପ୍ରାଣକୁ ସଚ୍ଚୋଟ ଭାବରେ ଅନୁସନ୍ଧାନ କରିବା ଓ ଆମେ କଟୁଭାବ, ରାଗ, କ୍ରୋଧ, କଳହ, ନିନ୍ଦା କିମ୍ବା ହିଂସା ଭଳି କେଉଁ ଅତିରିକ୍ତ ବୋଝ ବହନ କରୁଛୁ, ତାହା ଆବିଷ୍କାର କରିବାକୁ ହେବ । ଏହା ବ୍ୟତୀତ, ଆମେ ଏହାକୁ ଆମର ଜଣେ ବିଶ୍ୱାସ ଯୋଗ୍ୟ ଶିକ୍ଷକ କିମ୍ବା ପ୍ରାର୍ଥନାସାଥୀଙ୍କ ନିକଟକୁ ନେଇପାରିବା । ସେହି ବିଶ୍ୱାସଯୋଗ୍ୟ ବନ୍ଧୁ ଆମଠାରେ ଥିବା ସମସ୍ୟା କିମ୍ବା ଲୁଚି ରହିଥିବା କଳାଦାଗକୁ ଚିହ୍ନିବାରେ ଆମକୁ ସାହାଯ୍ୟ କରିପାରିବେ ।

ଦ୍ୱିତୀୟ ପଦକ୍ଷେପ ହେଉଛି, ଏଥିରୁ ମୁକ୍ତି ପାଇବା । ... ଏହାକୁ ପରିତ୍ୟାଗ କରିବା, ଏହି ଆବେଗଗୁଡ଼ିକରୁ ମୁକ୍ତି ପାଇବା କଷ୍ଟକର ଅଟେ, ଆମେ ଆମର ଶକ୍ତି ଓ ପ୍ରଚେଷ୍ଟା ବ୍ୟବହାର କରିପାରିବା ନାହିଁ, କାରଣ ଆମ ଭିତରେ ସର୍ବଦା ଦୁଇଟି ବିରୋଧୀ ଶକ୍ତି କାର୍ଯ୍ୟ କରୁଥାଏ । ଗୋଟିଏ ''ଉତ୍ତମ'' ଓ ଅନ୍ୟଟି ''ମନ୍ଦ'' ଅଟେ । ଏହି ପରିସ୍ଥିତିରେ ପାଉଲ କ୍ରନ୍ଦନ କରିଛନ୍ତି : ''ହାୟ, ଦୁର୍ଭାଗ୍ୟ ମନୁଷ୍ୟ ଯେ ମୁଁ, ମୋତେ ଏହି ମୃତ୍ୟୁର ଶରୀରରୁ କିଏ ଉଦ୍ଧାର କରିବ ?'' (ରୋମୀୟ ୭:୨୪) । ପୁଣି ପାଉଲ ଈଶ୍ୱରଙ୍କଠାରେ ଏହାର ଉତ୍ତର ପାଇଛନ୍ତି ଓ ଅତି ଆଶ୍ୱସ୍ତ ହୋଇ କହିଛନ୍ତି ''ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କର ଧନ୍ୟବାଦ ହେଉ'' (ରୋମୀ ୭:୨୫) । ଆମେ ଅତିରିକ୍ତ ବୋଝରୁ ମୁକ୍ତି ପାଇବା ପାଇଁ ସର୍ବଶକ୍ତିମାନ ଈଶ୍ୱରଙ୍କ ଶକ୍ତି ଆବଶ୍ୟକ କରୁ । ଆମର ପ୍ରଭୁ ଆମକୁ ସାହାଯ୍ୟ କରିବା ପାଇଁ ଜଣେ ପରାମର୍ଶ ଦାତା ଓ ସାନ୍ତ୍ୱନାଦାତାଙ୍କୁ ଦେଇଅଛନ୍ତି । ଈଶ୍ୱରଙ୍କ ପୁତ୍ର ଯୀଶୁ ଆମ ନିମନ୍ତେ ନିବେଦନ କରନ୍ତି, ପବିତ୍ର ଆତ୍ମା ଈଶ୍ୱର ଉଚିତ କଥା କହିବାରେ ଆମକୁ ସାହାଯ୍ୟ କରନ୍ତି ଓ ପିତା ଈଶ୍ୱର ଆମ ପ୍ରାର୍ଥନା ଶୁଣନ୍ତି ଓ ଉତ୍ତର ଦିଅନ୍ତି । ଏହି ଦୃଢ଼ ବିଶ୍ୱାସର ସହିତ ଆମେ ଅନୁଗ୍ରହ ସିଂହାସନ ନିକଟକୁ ଆସିପାରିବା ଓ ସେ ଆମକୁ ଉଦ୍ଧାର କରିବେ । ଯୀଶୁ ଖ୍ରୀଷ୍ଟ ଆମକୁ ଏହି ପ୍ରାର୍ଥନା କରିବା ଶିକ୍ଷା ଦେଇଥିଲେ, ''ମନ୍ଦରୁ ଆମକୁ ରକ୍ଷା କର ।'' ଆମ ଜୀବନରେ ଥିବା ଅତିରିକ୍ତ ବୋଝରୁ ମୁକ୍ତି ପାଇବାରେ ଆମକୁ ସାହାଯ୍ୟ କରିବା ପାଇଁ ଆମକୁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବାକୁ ହେବ ।

ତୃତୀୟ ପଦକ୍ଷେପ ହେଉଛି ଆମ ପ୍ରାଣକୁ ବିଷନାଶକ ଔଷଧ ଖୁଆଇବାକୁ ହେବ । ଯେ କୌଣସି ବିଷ ପାଇଁ ବିଷନାଶକ ଔଷଧ ଅଛି । ପାଉଲ ଏଫିସୀୟ ୪:୩୨ରେ, ସେହି ପରିପ୍ରେକ୍ଷୀରେ ଏହି ୬ଟି ମାରାତ୍ମକ ଆବେଗ ପାଇଁ ତିନୋଟି ପ୍ରତିକାରର ପରାମର୍ଶ ଦେଇଛନ୍ତି । ପାଉଲ କହିଛନ୍ତି : ''... ପରସ୍ପର ପ୍ରତି ସଦୟ ହୁଅ, କୋମଳ ହୃଦୟ ହୁଅ, ପୁଣି ଈଶ୍ୱର ଖ୍ରୀଷ୍ଟଙ୍କଠାରେ ତୁମ୍ଭମାନଙ୍କୁ ଯେପରି କ୍ଷମା କଲେ, ସେହିପରି ପରସ୍ପରକୁ କ୍ଷମା କର ।''

ଆମେ ଯେଉଁ ସହାୟକ, ଉପଯୋଗୀ ଓ ଆବଶ୍ୟକ ବୋଝ ବୋହିବା ଉଚିତ୍, ସେଗୁଡ଼ିକ ହେଉଛି –

## ୧. ଦୟା

ଦୟା ଏକ ଉତ୍ତମ ଗୁଣ ଅଟେ ଓ ଆମ ପାଇଁ ଏକ ଅତ୍ୟାବଶ୍ୟକ ଗୁଣ ହେବା ଉଚିତ୍ । ଆମେ ଅନ୍ୟମାନଙ୍କ ପ୍ରତି ଯତ୍ନଶୀଳ ଅଟୁ ବୋଲି ଏହା ପ୍ରଦର୍ଶନ କରେ ଓ ଏହା ଫଳରେ ଏହା ଅନ୍ୟମାନଙ୍କର ଯନ୍ତ୍ରଣା ଦୂର କରେ । ''ଦୟାଳୁ'' ହେବାର ଅର୍ଥ ଏପରି କୌଣସି ବ୍ୟକ୍ତି ପ୍ରତି ଉପକାରୀ କିମ୍ବା ସଦିଚ୍ଛା ପ୍ରକାଶକାରୀ ହେବା ଯିଏ ଆମର ସାହାଯ୍ୟ ଆବଶ୍ୟକ କରେ । ଦୟା ଏପରି ଜଣେ ଶକ୍ତିସମ୍ପନ୍ନ ବ୍ୟକ୍ତିର ମନୋଭାବ ଅଟେ ଯିଏ ଅପେକ୍ଷାକୃତ କୌଣସି ଦୁର୍ବଳ ବ୍ୟକ୍ତି ପାଇଁ କିଛି ଉତ୍ତମ କାର୍ଯ୍ୟ କରେ । ଦୟା ଏକ ଦେବାର ମନୋଭାବ ଅଟେ ଓ ଆମେ ବିଚାରଶୀଳ ଭାବରେ ଦାନ ଦେବା ମନୋନୀତ କରୁ ଓ ଦେବା ପାଇଁ ଆମ ନିକଟରେ ଅତ୍ୟଧିକ ବିଷୟ ଅଛି । ଖ୍ରୀଷ୍ଟଙ୍କ ମୃତ୍ୟୁ ଓ ପୁନରୁତ୍ଥାନ ମାଧ୍ୟମରେ, ଆମ ନିକଟରେ ପ୍ରଚୁର ଜୀବନ, ପରିତ୍ରାଣ, ସ୍ୱାଧୀନତା ଓ ଈଶ୍ୱରଙ୍କ ଅନୁଗ୍ରହ ପ୍ରଚୁର ପରିମାଣରେ ଅଛି । ଆମେ ଦୁର୍ବଳ ଅନୁଭବ କରିବା ସମୟରେ, ଖ୍ରୀଷ୍ଟଙ୍କଠାରେ ଶକ୍ତିଶାଳୀ ଅଟୁ । ଏହା ଆମକୁ ଅନ୍ୟମାନଙ୍କ ପ୍ରତି ଦୟାଳୁ ହେବାରେ ସାମର୍ଥ୍ୟ ଦିଏ । ପୁଣି ତାହାର ଅର୍ଥ ହେଉଛି, ଆମେ ଅନ୍ୟମାନଙ୍କୁ କ୍ଷମା ଦେଇପାରିବା । କ୍ଷମା ଦୁର୍ବଳତାର ଏକ ପ୍ରଦର୍ଶନ ନୁହେଁ । ଏହା ଦୟା ଓ ଶକ୍ତିର ଏକ ପ୍ରଦର୍ଶନ ଅଟେ ।

## ୨. କୋମଳ ହୃଦୟ

'କୋମଳ ହୃଦୟ'ର ଆକ୍ଷରିକ ଅର୍ଥ ହେଉଛି, ''ଏକତ୍ର ଦୁଃଖଭୋଗ କରିବା ।'' ଏହା ଏପରି ଏକ

ଅନୁଭବର ସଂଜ୍ଞା ଅଟେ ଯାହା ସେତେବେଳେ ଉଦୟ ହୁଏ, ଯେତେବେଳେ ଅନ୍ୟର ଦୁଃଖକୁ ଦେଖି ଓ ସେହି ଦୁଃଖକୁ ଦୂର କରିବା ପାଇଁ ପ୍ରରୋଚିତ ହେବା ଭଳି ଅନୁଭବ କରୁ ଓ ସେହି ବ୍ୟକ୍ତିର ଏକ ଶୀଘ୍ର ସୁସ୍ଥତା କାମନା କରୁ । ଯେତେବେଳେ ଆମେ କୌଣସି ଜଣେ ବ୍ୟକ୍ତିର ପରିସ୍ଥିତି ସହିତ ସଂପୃକ୍ତ ହେଉ ଓ ତାଙ୍କୁ ସାହାଯ୍ୟ କରିବାକୁ ଇଚ୍ଛା କରୁ, ସେତେବେଳେ ଆମ ମନରେ ଅନୁକମ୍ପା ଜାତ ହୁଏ । କେହି ଜଣେ ସମସ୍ୟାରେ ଥିବା ଦେଖି, ଆମେ ଭିତରେ ଭିତରେ ବିଚଳିତ ହୋଇ ଉଠୁ । ଉଦାହରଣ ସ୍ୱରୂପ, ଆମେ ଗୋଟିଏ ବସ୍‌ରେ ଯାତ୍ରା କରୁଥିବା ସମୟରେ, ଜଣେ ଗର୍ବବତୀ ମହିଳାଙ୍କୁ ଦେଖି ଓ ସଙ୍ଗେ ସଙ୍ଗେ ଠିଆ ହୋଇ ଆମ ନିଜର ଆସନରେ ତାଙ୍କୁ ବସିବା ପାଇଁ ସୁଯୋଗ ଦେଉ । ତାହା ହିଁ ଅନୁକମ୍ପା ଅଟେ । ଦିନ ଭିତରେ, ଆମେ ମନୋନୀତ କରୁଥିବା ପ୍ରତ୍ୟେକଟି ଛୋଟ କାର୍ଯ୍ୟ ଆମର ନକାରାତ୍ମକ ମନୋଭାବକୁ ସନ୍ତୁଳନରେ ରଖିବା ପାଇଁ ସାହାଯ୍ୟ କରିପାରେ । ଏହା ଆମ ଉପରେ ଥିବା ଭାରୀ ଓ ଅନାବଶ୍ୟକ ବୋଝ ଗୁଡ଼ିକର ପ୍ରତିକାର ଅଟେ ଓ ଏହା ଦ୍ୱାରା ଆମ ଜୀବନ ଯାତ୍ରା କ୍ଷିପ୍ର ଓ ସୁଗମ ହୁଏ ।

ଯୀଶୁ ଜଣେ ପାଳକବିହୀନ ଥିବା ଲୋକସମୂହଙ୍କୁ ଦେଖିଥିଲେ (ମାର୍କ ୬:୩୪) ଓ ତାଙ୍କ ହୃଦୟ ଦୟା ଓ ଅନୁକମ୍ପାରେ ବିଗଳିତ ହୋଇଥିଲା । ସେ କେବଳ ସେମାନଙ୍କର ଆତ୍ମିକ କ୍ଷୁଧା ନୁହେଁ, ମାତ୍ର ଶାରୀରିକ କ୍ଷୁଧା ମଧ୍ୟ ପରିତୃପ୍ତ କରିଥିଲେ (ମାର୍କ ୬:୩୭-୪୪) । ଈଶ୍ୱର ସଦୋମକୁ ବିନଷ୍ଟ କରିବାକୁ ଯାଉଛନ୍ତି ବୋଲି ଅବ୍ରହାମ ଜାଣିବା ପରେ, ଅନୁକମ୍ପାରେ ପରିପୂର୍ଣ୍ଣ ହେଲେ ଓ ସଦୋମର ଧାର୍ମିକ ଲୋକମାନଙ୍କୁ ରକ୍ଷା କରିବା ପାଇଁ ନିବେଦନ କରିବା ଆରମ୍ଭ କରିଥିଲେ । ଯଦି ସେଠାରେ କେବଳ ୫୦ ଜଣ ଧାର୍ମିକ ଥିବେ, ତେବେ ସେ ସେହି ନଗରକୁ ବିନଷ୍ଟ କରିବେ କି ବୋଲି ଅବ୍ରହାମ୍ ଈଶ୍ୱରଙ୍କୁ ପଚାରିଥିଲେ । ଈଶ୍ୱର ସମ୍ମତ ହୋଇ କହିଥିଲେ ଯେ ଯଦି ନଗର ମଧ୍ୟରେ ୫୦ ଜଣ ଧାର୍ମିକ ଥିବେ, ତେବେ ସେ ତାହାକୁ ଧ୍ୱଂସ କରିବେ ନାହିଁ । ମାତ୍ର ଅବ୍ରହାମ ଈଶ୍ୱରଙ୍କୁ ନିବେଦନ କରିବାରେ ଲାଗିଥିଲେ । ସଦୋମରେ ୫୦ ଜଣ ଧାର୍ମିକ ଲୋକ ନାହାନ୍ତି ବୋଲି ଅବ୍ରହାମ ଜାଣିଥିଲେ । ସେଥିପାଇଁ ସେ ସଂଖ୍ୟାକୁ କ୍ରମେ କ୍ରମେ ହ୍ରାସ କରିବାରେ ଲାଗିଲେ, ଯଥା - ୪୫, ୪୦, ୩୫, ୩୦ ଓ ଶେଷରେ ୧୦ । ଏହା କୋମଳ ହୃଦୟ କିମ୍ବା ଅନୁକମ୍ପା ଅଟେ ।

## ୩. କ୍ଷମାଶୀଳ ମନୋଭାବ

ଦୟା ଓ କୋମଳ ହୃଦୟ ଆମକୁ ସ୍ୱାଭାବିକ ଭାବରେ ଅନ୍ୟମାନଙ୍କୁ କ୍ଷମା ଦେବା ଦିଗରେ କଢ଼େଇ ନିଏ । କ୍ଷମା ଆମର ସମସ୍ତ ସଂପର୍କର ଆଧାର ଅଟେ । କ୍ଷମାଶୀଳ ମନୋଭାବ ଜଣେ ଖ୍ରୀଷ୍ଟ-ବିଶ୍ୱାସୀର ଏକ ଅବିଚ୍ଛେଦ୍ୟ ଅଂଶ ହେବା ଉଚିତ କାରଣ ବିଶ୍ୱାସୀମାନେ କ୍ଷମାପ୍ରାପ୍ତ ଲୋକ ଅଟନ୍ତି । ଈଶ୍ୱର ଆମକୁ ଯେପରି କ୍ଷମା କରିଛନ୍ତି, ଆମେ ମଧ୍ୟ ପରସ୍ପରକୁ ସେହିପରି କ୍ଷମା କରିବା ଉଚିତ । ଯେତେବେଳେ ଲୋକମାନେ ଆମକୁ ଆଘାତ କରନ୍ତି, ସେତେବେଳେ ଆମେ ତିକ୍ତତା, ରାଗ, କ୍ରୋଧ, କଳହ, ନିନ୍ଦା ଓ ହିଂସା, ଇତ୍ୟାଦିର ପ୍ରତିକ୍ରିୟା ଦେଖାଇଥାଉ । ଏହିପରି ପ୍ରତିକ୍ରିୟା ଧ୍ୱଂସାତ୍ମକ ଆଚରଣ କିମ୍ବା ଧ୍ୱଂସାତ୍ମକ ବାକ୍ୟ ଭାବରେ ଆମ ଭିତରୁ ନିର୍ଗତ ହୁଏ । ସେହି ମୁହୂର୍ତ୍ତରେ ଆମେ ଏହା ଉପଲବ୍ଧି କରି ନ ଥାଉ ଯେ ଏହି କ୍ଷିପ୍ର ପ୍ରତିକ୍ରିୟା ଆମର ସଂପର୍କକୁ ନଷ୍ଟ କରିଦିଏ । ଆମକୁ ଆଘାତ ଦେଇଥିବା ଲୋକମାନଙ୍କୁ କ୍ଷମା ଦେବା ଏକମାତ୍ର ମାର୍ଗ ଅଟେ ଯଦ୍ଦ୍ୱାରା ଆମେ ଆମର ଭଗ୍ନ କିମ୍ବା କଳଙ୍କିତ ସଂପର୍କକୁ ପୁନଃସ୍ଥାପନ କରିପାରିବୁ । ସେଥିପାଇଁ, ଆମେ ଯେଉଁ ଅନୁଚ୍ଛେଦଟିକୁ ଅଧ୍ୟୟନ କରୁଅଛୁ, ତାହାକୁ ଗୋଟିଏ ଶବ୍ଦରେ ସଂକ୍ଷିପ୍ତ କରାଯାଇ ପାରିବ - କ୍ଷମା ।

ପାଉଲ କହିଛନ୍ତି ଯେ ଈଶ୍ୱର ଯେପରି ଆମର ପାପ ସବୁ କ୍ଷମା କରିଥିଲେ, ଆମେ ମଧ୍ୟ ସେହିପରି ଏକ ଆରେକକୁ କ୍ଷମା କରିବା ଉଚିତ । ସେ ଆମକୁ ଉଦ୍ଧାର କରିଛନ୍ତି ଓ କ୍ଷମା କରିଛନ୍ତି (ଏଫି ୧:୭) । ଏହି କ୍ଷମା ଈଶ୍ୱରଙ୍କ ସହିତ ଆମ ସଂପର୍କର କେନ୍ଦ୍ର ଅଟେ । ଈଶ୍ୱର ଆମର ପାପସବୁ ଲିଭେଇ ଦେଇଛନ୍ତି, ଆମଠାରୁ ତାଙ୍କର କ୍ରୋଧ ଦୂର କରିଛନ୍ତି ଓ ଆମକୁ ମୃତ୍ୟୁରୁ ଜୀବନ ମଧ୍ୟକୁ ଉଠାଇ ଅଛନ୍ତି । ସେ ଅବିଶ୍ୱସନୀୟ ଭାବରେ ଆମ ପ୍ରତି ଦୟାଳୁ ଓ ଅନୁକମ୍ପାଶୀଳ ଅଟନ୍ତି । ପୁଣି ଆମେ ବର୍ତ୍ତମାନ ଖ୍ରୀଷ୍ଟଙ୍କ ମାଧ୍ୟମରେ ଏକ ସୁରକ୍ଷିତ ଓ ଗୌରବମୟ ଭବିଷ୍ୟତର ସମ୍ମୁଖୀନ ହୋଇଅଛୁ । ଈଶ୍ୱର ଆମକୁ କ୍ଷମା କରିଥିବାରୁ ଅନ୍ୟମାନଙ୍କୁ କ୍ଷମା କରିବା ପାଇଁ ଆମ ନିକଟରେ ଏକ କାରଣ ଓ ଶକ୍ତି ଅଛି । ଈଶ୍ୱର ଯେପରି ଖ୍ରୀଷ୍ଟଙ୍କ ମାଧ୍ୟମରେ ଆମର ପାପସବୁ ଲିଭେଇ ଦେଇ ଆମକୁ ପବିତ୍ର ଓ ଅନିନ୍ଦନୀୟ ଭାବରେ ଦେଖନ୍ତି, ସେହିପରି ଆମେ ମଧ୍ୟ ଆମ ମନରୂପକ ପୁସ୍ତକରୁ ଅନ୍ୟମାନଙ୍କର ଭୁଲ୍‌ଗୁଡ଼ିକୁ ଲିଭେଇ ଦେବା ପାଇଁ ସମାନ ପ୍ରକାର ଚେଷ୍ଟା କରିବା ଉଚିତ । ''ଈଶ୍ୱରଙ୍କର ଅନୁକାରୀ'' ହେବା ପାଇଁ ଓ ''ଖ୍ରୀଷ୍ଟ ଯେପରି ଆମ୍ଭମାନଙ୍କୁ ପ୍ରେମ କଲେ, ପୁଣି ଆମ୍ଭମାନଙ୍କ ନିମନ୍ତେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସୁଗନ୍ଧି ନୈବେଦ୍ୟ ଓ ବଳିସ୍ୱରୂପେ ଆପଣାକୁ ଉତ୍ସର୍ଗ କଲେ, ସେହିପରି ପ୍ରେମରେ'' ଆଚରଣ କରିବା ପାଇଁ ପାଉଲ ଆମକୁ କହିଛନ୍ତି (ଏଫିସୀୟ ୫:୧,୨) । ଆମ ଜୀବନରେ ଈଶ୍ୱରଙ୍କ ଅନୁକାରୀ ହେବା ପାଇଁ ଆମକୁ କ୍ଷମାର ଗୁଣ ଜାଗ୍ରତ କରିବାକୁ ହେବ ।

କ୍ଷମା ନ ଦେବାର ସ୍ୱଭାବ ଆମର ଯାତ୍ରାକୁ ଅତି ଭାରଗ୍ରସ୍ତ କରିଦିଏ । ଏହା ଆମକୁ ତଳକୁ ତଳକୁ ଟାଣେ ଓ ଅଗ୍ରସର ହେବା ପାଇଁ ସୁଯୋଗ ଦିଏ ନାହିଁ । କ୍ଷମା ଗୋଟିଏ ମୌଳିକ ଖ୍ରୀଷ୍ଟୀୟ ଗୁଣ ଅଟେ । ଆମ ପାପରୁ କ୍ଷମାପ୍ରାପ୍ତ ଓ ପାପର ସ୍ୱାଭାବିକ ପରିଣତିରୁ ଆଶ୍ୱସ୍ତ ହୋଇ, ଆମେ ଅନ୍ୟମାନଙ୍କର ପାପକୁ ଓ ଆମ ପ୍ରତି କରାଯାଇଥିବା ଦୁର୍ବ୍ୟବହାରକୁ କ୍ଷମା ଦେବା ପାଇଁ ବାଧ୍ୟ ଅଟୁ । ଯଦି ଆମେ କ୍ଷମା ଦେଉ ନାହୁଁ, ତେବେ ନିଜ ନିଜକୁ ବିଶ୍ୱାସୀ ବୋଲି ଘୋଷଣା କରିବା ପାଇଁ ଆମର କୌଣସି ଅଧିକାର ନାହିଁ । ଯୀଶୁ ଖ୍ରୀଷ୍ଟ ମାଥିଉ ୬:୧୪,୧୫ରେ ଆମକୁ କ୍ଷମା ବିଷୟରେ ଶିକ୍ଷା ଦେଇଛନ୍ତି : ''କାରଣ ଯେବେ ଲୋକମାନଙ୍କର ଅପରାଧସବୁ କ୍ଷମା କର, ତେବେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ତୁମ୍ଭମାନଙ୍କୁ ମଧ୍ୟ କ୍ଷମା କରିବେ । କିନ୍ତୁ ଯେବେ ଲୋକମାନଙ୍କୁ କ୍ଷମା ନ କର, ତେବେ ତୁମ୍ଭମାନଙ୍କର ପିତା ମଧ୍ୟ ତୁମ୍ଭମାନଙ୍କ ଅପରାଧସବୁ କ୍ଷମା କରିବେ ନାହିଁ ।'' ସେହିପରି ମାର୍କ ୧୧:୨୫ରେ ଯୀଶୁ କହିଛନ୍ତି, ''ପୁଣି, ତୁମ୍ଭେମାନେ ଯେ କୌଣସି ସମୟରେ ପ୍ରାର୍ଥନା କରିବାକୁ ଠିଆ ହୁଅ, ଯଦି କାହାରି ବିରୁଦ୍ଧରେ ତୁମ୍ଭମାନଙ୍କର କିଛି କଥା ଥାଏ, ତାହା ହେଲେ କ୍ଷମା କର, ଯେପରି ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ମଧ୍ୟ ତୁମ୍ଭମାନଙ୍କର ଅପରାଧ ସବୁ କ୍ଷମା କରିବେ ।'' ତତ୍ ସଙ୍ଗେ ସଙ୍ଗେ, ଆମେ ଏହା ମଧ୍ୟ ସ୍ମରଣରେ ରଖିବା ଉଚିତ ଯେ ଆମେ ଅନ୍ୟମାନଙ୍କୁ କ୍ଷମା ଦେଉଥିବାରୁ, ଈଶ୍ୱର ଆମକୁ କ୍ଷମା କରନ୍ତି, ତା' ନୁହେଁ, ମାତ୍ର ସେ ନିଜର ମହା ଦୟା ଯୋଗୁ ଆମକୁ କ୍ଷମା କରନ୍ତି । କ୍ଷମା ନ ଦେବାର ମନୋଭାବ ସେହି ଛ' ଗୋଟି ଅନାବଶ୍ୟକ ବୋଝ ଦିଗକୁ କଢ଼େଇ ନିଏ, ଯେଉଁଗୁଡ଼ିକ ବିଷୟରେ ଆମେ ପୂର୍ବରୁ ଆଲୋଚନା କରିଥିଲୁ । କିପରି କ୍ଷମା ଦେଇ ଭୁଲି ଯିବାକୁ ହୁଏ, ତାହା ଶିକ୍ଷା କରିବା ସୁଖୀ ଖ୍ରୀଷ୍ଟିଆନ ଜୀବନର ଗୋଟିଏ ରହସ୍ୟ ଅଟେ ।

(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ - **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| **Account Name** | : | **ECHO OF HIS CALL EDUCATIONAL TRUST** |
| **Account Number** | : | **1023 2923 805** |
| **Bank Name** | : | **STATE BANK OF INDIA** |
| **Branch** | : | **TRIPLICANE, CHENNAI - 600 005** |
| **IFSC Code** | : | **SBIN 0000249** |
| **SWIFT Code** | : | **SBI NIN BB 455** |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*''ଯେ ପାଠ କରେ, ସେ ବୁଝୁ'' (ମାଥିଉ ୨୪:୧୫)*

## ସେ ମୋ' ଜୀବନକୁ ପରିବର୍ତ୍ତନ କରନ୍ତି

''ସେ ଅଧିପତିମାନଙ୍କ ସଙ୍ଗେ ... ବସାଇବା ପାଇଁ, ଦରିଦ୍ରକୁ ଧୂଳିରୁ ଉଠାନ୍ତି ଓ ଦୀନହୀନକୁ ଖତରାଶିରୁ ଉତ୍ତୋଳନ କରନ୍ତି'' (ଗୀତ ୧୧୩:୭) ।

*HE CHANGES MY LIFE!*


ମୋର ନିୟମିତ କାର୍ଯ୍ୟ ବ୍ୟତୀତ, ଯେତେବେଳେ ମୁଁ ସମୟ ପାଉଥିଲି, ସେତେବେଳେ ମାଗଣାରେ ପତ୍ରିକା ବାଣ୍ଟୁଥିଲି, ବ୍ୟକ୍ତିଗତଭାବେ ପ୍ରଚାର କରୁଥିଲି ଓ ଛୋଟ ଧରଣର ସୁସମାଚାର ସଭାର ଆୟୋଜନ କରୁଥିଲି ଓ ସେଗୁଡ଼ିକୁ ସଫଳ ଭାବରେ କରିବା ପାଇଁ ଈଶ୍ୱର ମୋତେ ସାହାଯ୍ୟ କରୁଥିଲେ ।

ଥରେ ମୋ' ସହିତ କାର୍ଯ୍ୟ କରୁଥିବା ମୋର ପ୍ରିୟ ବନ୍ଧୁମାନେ, ଯଥା, ଡି.ଡବ୍ଲ୍ୟୁ ଦେବକନ୍ଥନ୍ ଓ ଭାଇ ଆର୍.ଇ.ଜେୟାରାଜ୍ ୧୯୭୧ରେ ମୋ' ନିକଟକୁ ଆସି ମୋତେ ପଚାରିଥିଲେ, ''ଆପଣ ଏହି ଅଫିସରେ ଜଣେ ଅସାଧାରଣ ବ୍ୟକ୍ତି ଭଳି ମନେ ହେଉଛନ୍ତି । ଆମେ ଆପଣଙ୍କଠାରେ କିଛି ଅତି ବିଶେଷ ବିଷୟ ଦେଖୁଛୁ । କାରଣ କ'ଣ ? ଆପଣ ଜଣେ ଖ୍ରୀଷ୍ଟିଆନ କି ?'' ମୁଁ ଉତ୍ତର ଦେଲି, ''ହଁ ! ମୁଁ ଈଶ୍ୱରଙ୍କର ଏପରି ଜଣେ ସନ୍ତାନ ଯିଏ ଆକାଶମଣ୍ଡଳ ଓ ପୃଥିବୀର ସୃଷ୍ଟିକର୍ତ୍ତା ଓ ସର୍ବଶକ୍ତିମାନ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ପରିତ୍ରାଣ ପାଇଅଛି ।'' ସେମାନେ ପୁଣି ଥରେ କହିଥିଲେ, ''ଆପଣ ଜଣେ ନିର୍ଭୀକ ଯୁବକ ! ଆପଣ କ'ଣ ଏପର୍ଯ୍ୟନ୍ତ ପରିତ୍ରାଣର ଅନୁଭୂତି ପାଇଛନ୍ତି ?'' ମୁଁ କହିଲି, ''ହଁ'' । ସେମାନେ ମୋତେ କୁଣ୍ଢାଇ ପକେଇଲେ ଓ ସେହି ରବିବାର ସକାଳେ, ମୁଁ ତାଙ୍କ ପାଳକଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଭାଇ.ଡି.ଡବ୍ଲ୍ୟୁ ଦେବକନ୍ଥନ୍‌ଙ୍କ ସଙ୍ଗେ ଯାଇ ପାରିବି କି ବୋଲି ମୋତେ ପଚାରିଲେ । ମୁଁ ତାଙ୍କ ସହିତ ଯିବା ପାଇଁ ସମ୍ମତ ହୋଇଥିଲି । ଫଳରେ, ଭାଇ.ଡି.ଡବ୍ଲ୍ୟୁ ଦେବକନ୍ଥନ୍ ମୋତେ ତାଙ୍କ ସାଇକଲ୍‌ର ପଛରେ ବସାଇ, ୧୯୭୧ର ଡିସେମ୍ବର ମାସରେ ଆପୋଷ୍ଟୋଲିକ୍ ଖ୍ରୀଷ୍ଟିଆନ ଆସେମ୍ବ୍ଲିର ସମ୍ମାନନୀୟ ମୁଖ୍ୟ ପାଳକ, ଜି.ସୁନ୍ଦରମ୍ ଓ ସହପାଳକ ଏମ୍.କେ.ସାମ୍ ସୁନ୍ଦରମ୍‌ଙ୍କ ନିକଟକୁ ନେଇ ଯାଇଥିଲେ ।



Bro. D.W. Devakanthan

ମୁଁ ମୁଖ୍ୟ ପାଳକ ଜି.ସୁନ୍ଦରମ୍‌ଙ୍କ ସହିତ କରିଥିବା ବାର୍ତ୍ତାଳାପକୁ ଆଦୌ ଭୁଲି ପାରିବି ନାହିଁ । ତାଙ୍କର ସୁନ୍ଦର ଚେହେରା, ସ୍ମିତହାସ୍ୟ ଓ ତାଙ୍କ ପ୍ରେମ ଓ ଦାୟିତ୍ୱପୂର୍ଣ୍ଣ କଥା ମୋତେ ମୋର ନିଜ ପିତାଙ୍କ ସହିତ ମୋର ସଂପର୍କକୁ ସ୍ମରଣ କରାଇ ଦେଇଥିଲା । ସେଥିପାଇଁ ମୁଁ କହିଥିଲି, ''ମୁଁ ମଧ୍ୟ ଆପଣଙ୍କ ପରି ପରିବର୍ତ୍ତିତ ହେବାକୁ ଚାହୁଁଛି ।'' ସେ ମୋତେ କୁଣ୍ଢେଇ ପକେଇଲେ ଓ ଚୁମ୍ବନ କରି କହିଥିଲେ, ''ହୁଏତ ତୁମକୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ ଓ ସେହି ଲକ୍ଷ୍ୟ ସାଧନ ପାଇଁ ଏକ କଷ୍ଟକର ଜୀବନ ମଧ୍ୟ ଦେଇ ଗତି କରିବାବାକୁ ପଡ଼ିପାରେ ।'' ମୁଁ ଉତ୍ତର ଦେଇଥିଲି, ''ମୁଁ ସଂପୂର୍ଣ୍ଣ – ହୃଦୟର ସହିତ ତାହା କରିବି ।'' ସେହି ଦିନଠାରୁ ମୁଁ ତାଙ୍କ ମଣ୍ଡଳୀର ଗୋଟିଏ ବଳିଷ୍ଠ ସଦସ୍ୟ ହୋଇଥିଲି ଓ ତାଙ୍କ ସେବା ଦଳ ମଧ୍ୟରେ ନିଯୁକ୍ତି ପାଇଥିଲି । ମଣ୍ଡଳୀରେ ସେ ଦେଇଥିବା ବାର୍ତ୍ତା ଓ ତାଙ୍କର କାର୍ଯ୍ୟକଳାପ ମୋତେ ଅତିରିକ୍ତ ଆକର୍ଷିତ କରିଥିଲା ।




Chief Pastor G. Sundaram



Assistant Pastor M.K. Sam Sundaram

ମୁଁ ସହପାଳକ ଏମ୍.କେ.ସାମ୍ ସୁନ୍ଦରମ୍‌ଙ୍କ ସହିତ ମଧ୍ୟ ରହିଥିଲି ଓ ସରଳ ଭାବରେ ସେବାକାର୍ଯ୍ୟରେ ବ୍ୟବହୃତ ହୋଇଥିଲି । ସେ ମୋତେ ଶିକ୍ଷା ଦେଇ ପ୍ରତିପାଳନ କରିଥିଲେ ।

ମୁଁ ଭାଇ ଭିକ୍ଟର ସ୍ୱାମିଦୋଷ (ରେଳବାଇ), ଭାଇ.ଏ.ସେଲ୍‌ଭାରାଜ (ପବ୍ଲିକ୍ ୱର୍କସ୍ ଡିପାର୍ଟମେଣ୍ଟ), ପ୍ରଚାରକ ଜେୟାମୋହନ (ଶିକ୍ଷକ) ଓ ପ୍ରଚାରକ ଏନ୍.ଜିବନନ୍ଦମ୍‌ଙ୍କ ଭଳି ସେହି ମଣ୍ଡଳୀର ଈଶ୍ୱରଙ୍କ ଦାସମାନଙ୍କ ସହିତ ପରିଚିତ ହୋଇଥିଲି । ସେମାନେ ମୋତେ ଆତ୍ମିକ ଭାବରେ ବୃଦ୍ଧି ପାଇବାରେ ସାହାଯ୍ୟ କରିଥିଲେ ।



Bro. Victor Swamidoss

୧୯୭୨ରେ, ପାଳକ ଜି.ସୁନ୍ଦରମ୍ ମୋତେ ବାପ୍ତିସ୍ମ ଦେଇଥିଲେ ଓ ୧୯୭୭ ଡିସେମ୍ବର ୨୬ରେ, ପାଳକ ଏମ୍.କେ.ସୁନ୍ଦରମ୍ ଓ ପାଳକ ରୁବେନ୍ ଟୀମଥି (ଦକ୍ଷିଣ ଆଫ୍ରିକା)ଙ୍କ ସାକ୍ଷାତ୍‌ରେ ମୋତେ ଏକ ସେବକ ଭାବରେ ଅଭିଷିକ୍ତ କରିଥିଲେ ।




Pr. Sam Selva Raj Ordination - 1977

ପାଳକ ଜି.ସୁନ୍ଦରମ୍ ଉପାସନା ସଭାରେ ଯୋଗ ଦେଉଥିବା ଲୋକମାନଙ୍କର ଜୋତା ଓ ଚପଲଗୁଡ଼ିକର ଯତ୍ନ ନେବା ପାଇଁ ପାଳକ ଆନନ୍ଦଙ୍କ ସହିତ କାର୍ଯ୍ୟ କରିବା ନିମନ୍ତେ ମୋତେ ନିଯୁକ୍ତ କରିଥିଲେ ।

ସାଧାରଣତଃ, ଉପାସନାରେ ଯୋଗ ଦେଉଥିବା ଲୋକମାନେ ସେମାନଙ୍କ ଜୋତା ଓ ଚପଲଗୁଡ଼ିକୁ ଗୀର୍ଜାଗୃହର ବାହାରେ ଗୋଟିଏ କାଠ ନିର୍ମିତ ଷ୍ଟାଣ୍ଡରେ ରଖୁଥିଲେ ଓ ଉପାସନା ପରେ ସେଗୁଡ଼ିକୁ ନେଇ ଯାଉଥିଲେ । ଆମେ ଉଭୟେ ସଦସ୍ୟମାନଙ୍କର ଜୋତାଗୁଡ଼ିକୁ ସୁରକ୍ଷିତ ରଖି ସେମାନଙ୍କୁ ଫେରାଇବାର ଦାୟିତ୍ୱରେ ଥିଲୁ ।





ବର୍ତ୍ତମାନ, ପାଳକ ଆନନ୍ଦ ଜଣେ ଶ୍ରେଷ୍ଠ ଆତ୍ମିକ ନେତା ଓ ଚେନ୍ନାଇସ୍ଥିତ ଆପୋଷ୍ଟୋଲିକ ଚର୍ଚ୍ଚ ଆସେମ୍ବ୍ଲି (କଲାଇଙ୍ଗନର୍) ନାମକ ଏକ ବଡ଼ ମଣ୍ଡଳୀର ବରିଷ୍ଠ ପାଳକ ଅଟନ୍ତି । ସେମାନେ ମୋ' ମଣ୍ଡଳୀରେ ପ୍ରଚାର କରୁଥିଲେ, ଅଧ୍ୟାପକ ଭାବରେ କାର୍ଯ୍ୟ କରୁଥିଲେ ଓ ମୋର ଶାଖା ମଣ୍ଡଳୀ ଓ ନିହିମିୟା ବାଇବଲ କଲେଜରେ ଅତିଥି ବକ୍ତା ଭାବରେ ଯୋଗ ଦେଉଥିଲେ । ସେମାନେ ବିଭିନ୍ନ ଭାବରେ ମୋ' ସେବା କାର୍ଯ୍ୟରେ ମୋତେ ସାହାଯ୍ୟ କରିଛନ୍ତି । ଏହା ଏକ ଲକ୍ଷ୍ୟଯୋଗ୍ୟ ବିଷୟ ଅଟେ ଯେ ମୁଁ ଗୋଟିଏ ଛୋଟ ମଣ୍ଡଳୀର ପାଳକ ଥିଲି ଓ ପ୍ରଭୁ ମୋତେ ଏପରି ଗୋଟିଏ ବାଇବଲ କଲେଜ ଚଳେଇବା ପାଇଁ ଉଠାଇଛନ୍ତି ଯେଉଁଠାରେ ମୁଁ ଏହି ଶ୍ରେଷ୍ଠ ବ୍ୟକ୍ତିମାନଙ୍କର ସେବା ପାଇବାର ସୌଭାଗ୍ୟ ଲାଭ କରିଥିଲି ।



***Pr. S. Anand***

ମୁଁ ପୂର୍ବରୁ ଉଲ୍ଲେଖ କରିଛି ଯେ ପ୍ରଭୁ ବିଭିନ୍ନ ଭାଷାରେ ''ଆହ୍ୱାନର ପ୍ରତିଧ୍ୱନି'' ନାମକ ଏକ ଖ୍ରୀଷ୍ଟିଆନ ମାସିକ ପତ୍ରିକା ପ୍ରକାଶ କରିବାରେ ସାହାଯ୍ୟ କରିଥିଲେ । ମୁଁ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଅଭିଷିକ୍ତ ହେବା ମାତ୍ରେ, ପ୍ରଭୁ ମୋତେ କେତେକ ସ୍ଥାନୀୟ ମଣ୍ଡଳୀରେ ସାହାଯ୍ୟ କରିବା ପାଇଁ ଓ ଚେପକ୍‌ଠାରେ ଏକ ଛୋଟ ମଣ୍ଡଳୀ ଆରମ୍ଭ କରିବା ପାଇଁ ସାମର୍ଥ୍ୟ ଦେଇଥିଲେ । ଚେପକ୍ ଚେନ୍ନାଇର ଏକ ଅପହଞ୍ଚ ଅଞ୍ଚଳ ଥିଲା । ବର୍ତ୍ତମାନ, ଆମର ମୁଖ୍ୟ ମଣ୍ଡଳୀ ସେହି ଅଞ୍ଚଳରେ କାର୍ଯ୍ୟ କରୁଅଛି ।

ଯଦିଓ ମୁଁ କଠିନ ପରିଶ୍ରମ କରୁଥିଲି ଓ ଉଦ୍‌ଯୋଗର ସହିତ ପ୍ରାର୍ଥନା କରୁଥିଲି, ତଥାପି ମୁଁ ନୂତନ ଆତ୍ମାସବୁ ଲାଭ କରିବାରେ ସମର୍ଥ ନ ଥିଲି । ଅନ୍ୟ ମଣ୍ଡଳୀର ସଦସ୍ୟମାନଙ୍କୁ ପ୍ରଲୋଭିତ କରି ସେମାନଙ୍କୁ ମୋ' ମଣ୍ଡଳୀର ସଦସ୍ୟ ନ କରିବା ବିଷୟରେ ମୁଁ ଅତି ଦୃଢ଼ ଥିଲି । ମୁଁ ସର୍ବଦା 'ମେଷ ଚୋରି' ବିରୁଦ୍ଧରେ ରହିଛି । ସେଥିପାଇଁ ମୋର ସ୍ତ୍ରୀ ଓ କନ୍ୟା ପ୍ରଥମ ପାଞ୍ଚ ବର୍ଷ ପାଇଁ ମୋ' ମଣ୍ଡଳୀର ଏକମାତ୍ର ସଦସ୍ୟ ଥିଲେ । ମୁଁ ସେମାନଙ୍କ ନିକଟରେ ପ୍ରଚାର କରୁଥିଲି ଓ ସେମାନେ ପ୍ରତି ରବିବାର ସକାଳେ ଓ ସନ୍ଧ୍ୟାରେ ମୋର ବାର୍ତ୍ତା ଶୁଣୁଥିଲେ । ସେହି ମଣ୍ଡଳୀ ଚେନ୍ନାଇର ଚେପକ୍ ସ୍ଥିତ ଆକବର ସାହିବ ଷ୍ଟ୍ରିଟ୍, ବିଗ୍ ଷ୍ଟ୍ରିଟ ଓ ସି.ଏନ୍. କ୍ରିଷ୍ଣା ସ୍ୱାମୀ ରୋଡ୍‌ଠାରେ ଅବସ୍ଥିତ ଥିଲା । ଆହୁରି ମଧ୍ୟ ଆମେ ରାସ୍ତା ଉପରେ ପ୍ରଚାର କରୁଥିଲୁ ଓ ଡାକ୍ତରଖାନାରେ ଓ ଗଳିଗୁଡ଼ିକରେ ଲୋକମାନଙ୍କୁ ସାକ୍ଷାତ୍ କରୁଥିଲୁ । ଆମେ ଏକ ପରିବାର ଭାବରେ ଆମର ଆୟକୁ ଈଶ୍ୱରଙ୍କ ସେବାକାର୍ଯ୍ୟରେ ଖର୍ଚ୍ଚ କରୁଥିଲୁ ଓ ସେଥିଯୋଗୁ ଆମକୁ ବେଳେବେଳେ କ୍ଷୁଧିତ ରହିବାକୁ ପଡୁଥିଲା ।





ମୁଁ ଏକର୍ଡିଆନ (ବାଦ୍ୟ ଯନ୍ତ୍ର) ବଜାଉ ଥିବାରୁ, ଗୃହର ମାଲିକମାନେ ଆମକୁ ପସନ୍ଦ କରୁ ନ ଥିଲେ ଓ କହୁଥିଲେ ଯେ ଯେତେବେଳେ ମୁଁ ମୋର ବାଦ୍ୟ ଯନ୍ତ୍ର ବଜାଇ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ପ୍ରଶଂସା ଗୀତ ଗାଉଥିଲି, ସେତେବେଳେ ସେମାନଙ୍କର ଦେବତାମାନେ କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିଲେ । ସେଥିପାଇଁ ସେହି ସ୍ଥାନର ମାଲିକମାନେ ମୋର ଗୃହ ଓ ମଣ୍ଡଳୀକୁ ସ୍ଥାନାନ୍ତର କରିବା ପାଇଁ ମୋତେ ବାଧ କଲେ । ଏହାପରେ, ମୁଁ ସେହି ନିର୍ଦ୍ଦିଷ୍ଟ ଅଣ-ଖ୍ରୀଷ୍ଟିଆନ ଅଞ୍ଚଳରେ ଭିନ୍ନ ଭିନ୍ନ ଗଳି ରାସ୍ତାକୁ ସ୍ଥାନାନ୍ତରିତ ହେବାରେ ଲାଗିଲି ।



***

*(୭ମ ପୃଷ୍ଠାର ଅବଶିଷ୍ଟାଂଶ)*

ଚତୁର୍ଥ ପଦକ୍ଷେପ ହେଉଛି, ବିଶ୍ୱାସର ଆଦିକର୍ତ୍ତା ଓ ସିଦ୍ଧିଦାତା ଯୀଶୁଙ୍କ ଉପରେ ଦୃଷ୍ଟି ନିବଦ୍ଧ କରି, ଆମ ଜୀବନ ଯାତ୍ରାରେ ଅଗ୍ରସର ହେବା । ପବିତ୍ର ବାଇବଲର କିଙ୍ଗ ଜେମ୍‌ସ ଅନୁବାଦ ଆମକୁ ଉତ୍ସାହ ପ୍ରଦାନ କରିଅଛି । ଏବ୍ରୀ ୧୨:୧ରେ ଆମେ ପାଠ କରୁ, ''ଅତଏବ, ଏଡ଼େ ବୃହତ୍ ମେଘ ତୁଲ୍ୟ ସାକ୍ଷୀମାନଙ୍କ ଦ୍ୱାରା ବେଷ୍ଟିତ ହେବାରୁ ଆସ, ଆମ୍ଭେମାନେ ପ୍ରତ୍ୟେକ ଭାର ଓ ସହଜରେ ବେଷ୍ଟନକାରୀ ପାପ ପରିତ୍ୟାଗ କରି ବିଶ୍ୱାସର ନେତା ଓ ସିଦ୍ଧିଦାତା ଯୀଶୁଙ୍କୁ ଲକ୍ଷ୍ୟ କରି ଧୈର୍ଯ୍ୟ ସହକାରେ ଆମ୍ଭମାନଙ୍କର ଗନ୍ତବ୍ୟ ପଥରେ ଧାବମାନ ହେଉ ।'' ମୁଁ ଏହି ଅନୁବାଦକୁ ମନୋନୀତ କରିବାର କାରଣ ହେଉଛି, କେବଳ ଏଠାରେ ''ଭାର'' ଶବ୍ଦଟି ବ୍ୟବହୃତ ହୋଇଅଛି । ଯଦି ଆମେ ଯୀଶୁଙ୍କ ଉପରେ ଦୃଷ୍ଟି ନିବଦ୍ଧ କରି ରହିବା, ତେବେ ଆମେ ଦୌଡ଼ି ପାରିବା ଓ ସହଜରେ ଦୌଡ଼କୁ ସଂପୂର୍ଣ୍ଣ କରିପାରିବା । ଦୌଡ଼ିରେ ଦୌଡୁଥିବା ଜଣେ ଖେଳାଳୀ ଖୁବ୍ କମ୍ ପୋଷାକ ପିନ୍ଧନ୍ତି । ସେ ସଂପୂର୍ଣ୍ଣ ପୋଷାକରେ ଆଚ୍ଛାଦିତ ହୋଇ ଦୌଡ଼ନ୍ତି ନାହିଁ । ଏହି ପ୍ରକାର ଏକ ପୋଷାକ ତାଙ୍କର ବେଗରେ ବାଧା ଦେବ ଓ ସେ ଶେଷ ସୀମାରେ ପହଞ୍ଚିବେ ନାହିଁ । ସେହିପରି ଏବ୍ରୀ ପୁସ୍ତକର ଲେଖକ ଆମକୁ ସମସ୍ତ ଭାର ଓ ପାପ, ଯଥା କଟୁଭାବ, ରାଗ, କ୍ରୋଧ, କଳହ, ନିନ୍ଦା ଓ ହିଂସାକୁ ଦୂର କରି ଦୟା, କୋମଳ ହୃଦୟ ଓ କ୍ଷମାଶୀଳ ମନୋଭାବ ସହିତ ଦୌଡ଼ିବା ପାଇଁ କହିଛନ୍ତି । ପୁରାତନ ନିୟମର ଆଦର୍ଶ ବ୍ୟକ୍ତିମାନଙ୍କ ବ୍ୟତୀତ ଆମ ନିକଟରେ ଆଧୁନିକ ଆଦର୍ଶ ବ୍ୟକ୍ତିମାନେ ମଧ୍ୟ ଅଛନ୍ତି – ସାଧୁ ସୁନ୍ଦର ସିଂ, ଜିରେନ୍ ବାଗ୍, ପଣ୍ଡିତା ରମାବାଇ, ଉଇଲିୟମ କେରୀ, ବିଶପ୍ ଭି.ଏସ୍.ଆଜାରିୟା ଓ ଗ୍ରାହାମ୍ ଷ୍ଟେନ୍‌ସ । ଏମାନେ ଉତ୍ତମ ଭାବେ ଦୌଡ଼ିଥିଲେ ଓ ଆମ ମାତୃଭୂମିର ସେବା କରି ଆମ ପରି ଭାରତୀୟମାନଙ୍କ ନିମନ୍ତେ ମୃତ୍ୟୁବରଣ କରିଥିଲେ ।

ଆମେ ନୂତନ ବର୍ଷ ୨୦୨୩ କୁ ସଂକଳ୍ପ ସହିତ ଆରମ୍ଭ କରିଛୁ । ଆସନ୍ତୁ, ଆମେ ଏହିସବୁ ଅନାବଶ୍ୟକ ଭାରଗୁଡ଼ିକୁ ଦୂର କରି, ଖ୍ରୀଷ୍ଟିୟ ଯାତ୍ରାକୁ ବିଜୟୀ ଭାବରେ ସଂପୂର୍ଣ୍ଣ କରିବା ଓ ଶେଷରେ ସାହସର ସହିତ ପାଉଲଙ୍କ ଭଳି ଘୋଷଣା କରିବା, ''ମୁଁ ଦୌଡ଼ ସଂପୂର୍ଣ୍ଣ କରିଅଛି'' ଓ ସେହି ''ଧାର୍ମିକତା ରୂପକ ମୁକୁଟ'' ପ୍ରାପ୍ତ ହେବି ''ଯାହା ମହାଦିନରେ ନ୍ୟାୟବାନ୍


## ଆବଶ୍ୟକ

**ଆମେ ସେବାକାର୍ଯ୍ୟ ପାଇଁ ନିମ୍ନଲିଖିତ ଉତ୍ସର୍ଗୀକୃତ କର୍ମଚାରୀ ଆବଶ୍ୟକ କରୁଅଛୁ ।**

- ଅଫିସ୍ କର୍ମଚାରୀ (କମ୍ପ୍ୟୁଟର ଜ୍ଞାନ ସହିତ)
- ଛାପାକଳ ଓ କାର୍ଯ୍ୟାଳୟ ପାଇଁ ସହଯୋଗୀ
- ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ପ୍ରଧାନ ଶିକ୍ଷକ
- ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ଶିକ୍ଷକ
- ସହ ପାଳକଗଣ
- ସୁସମାଚାର ପ୍ରଚାରକମାନେ
- ବାଇବଲ କଲେଜ ଅଧ୍ୟକ୍ଷ (ଆନୁଷ୍ଠାନିକ ଶିକ୍ଷା)
- ସୁରକ୍ଷା କର୍ମଚାରୀ
- ଡ୍ରାଇଭରମାନେ

ଦୟାକରି ଯୋଗାଯୋଗ କରନ୍ତୁ : **ECHO OF HIS CALL**
**Cell : 98410 71858**

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

ବିଚାରକର୍ତ୍ତା ପ୍ରଭୁ ମୋତେ ଦେବେ, ପୁଣି କେବଳ ମୋତେ ନୁହେଁ, ମାତ୍ର ଯେତେ ଲୋକ ତାହାଙ୍କ ଆଗମନକୁ ପ୍ରିୟ ଜ୍ଞାନ କରନ୍ତି, ସେ ସମସ୍ତଙ୍କୁ ଦେବେ'' (୨ ତୀମଥି ୪:୭,୮) ।

ନୂତନ ବର୍ଷର ଏହି ସଂକଳ୍ପଗୁଡ଼ିକ ଉପରେ ଚିନ୍ତା କରନ୍ତୁ, ପ୍ରାର୍ଥନା କରନ୍ତୁ, ଆପଣଙ୍କ ଜୀବନରେ ସେଗୁଡ଼ିକୁ ଗ୍ରହଣ କରନ୍ତୁ ଓ ସ୍ୱଳ୍ପ ବୋଝ ବୋଲି ଅଗ୍ରସର ହୁଅନ୍ତୁ । ଆପଣମାନଙ୍କୁ ନୂତନ ବର୍ଷ – ୨୦୨୩ ପାଇଁ ଅନେକ ଅନେକ ଶୁଭକାମନା । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।

*************

## OUR BANK DETAILS:

***1. Bank : State Bank of India***

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

***2. Bank : ICICI Bank***

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

***3. Bank : State Bank of India***

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

**Google Pay: 98410 71858**
**PayPal : SAM SELVA RAJ**

*****

**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

**୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।**

**ବାର୍ଷିକ ଦେୟ – ଟ. ୧୦୦/–** **ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ''ଆହ୍ୱାନର ପ୍ରତିଧ୍ୱନି'' ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ''ଆହ୍ୱାନର ପ୍ରତିଧ୍ୱନି'' କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ–ମେଲ ଠିକଣା ଜଣାନ୍ତୁ ।

**ଆମର ଠିକଣା :**

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/21-23**
**Licence No. WPP. No. TN/PMG(CCR)/WPP-265/21-23**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th** JANUARY 2023.
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

***JESUS LOVES YOU!***

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers**, New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**